IDFC FIRST Bank

ALWAYS YOU FIRST

# ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡ୍

## ସବୁଠାରୁ ଗୁରୁତ୍ୱପୂର୍ଣ ସର୍ତ୍ତ ଓ ବ୍ୟବସ୍ଥାବଳୀ (MITC)

ଉକ୍ତ ସବୁଠାରୁ ଗୁରୁତ୍ୱପୂର୍ଣ ସର୍ତ୍ତ ଓ ବ୍ୟବସ୍ଥାବଳୀ ଏବଂ ସମସ୍ତ ସୂଚନା ଗୁଡ଼ିକ ଏଠାରେ ସବୁ କ୍ରେଡିଟ୍ କାର୍ଡ଼ ସଦସ୍ୟ/ କ୍ରେଡିଟ୍ କାର୍ଡ଼ର ଆବେଦନକାରୀ / କର୍ମଚାରୀ/ ବ୍ୟାଙ୍କର ଉପଭୋକ୍ତା/ ସର୍ବସାଧାରଣଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ବ୍ୟାଙ୍କର କ୍ରେଡିଟ୍ କାର୍ଡ଼ ସ୍ୱାର୍ଥ ସହିତ ଜଡ଼ିତ ଅଛନ୍ତି ସେମାନଙ୍କ ପାଇଁ ଏହା ତୁରନ୍ତ କାର୍ଯ୍ୟକାରୀ ହେବ। ଏହି ଏମଆଇଟିସି ପରିବର୍ତ୍ତନଶୀଳ ଅଟେ। ସବୁଠାରୁ ଗୁରୁତ୍ୱପୂର୍ଣ ସର୍ତ୍ତ ଓ ବ୍ୟବସ୍ଥାବଳୀ (ଏମଆଇଟିସି) କୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ ସଦସ୍ୟ ସର୍ତ୍ତ ଓ ବ୍ୟବସ୍ଥାବଳୀ / www.idfcfirstbank.com ରେ ସୂଚୀତ ପ୍ରକାରେ ଚୁକ୍ତିନାମା ବିଷୟ ସହିତ ମିଶାଇ ପଢ଼ାଯିବ ଓ ବୁଝିବାକୁ ହେବ।

## ସୂଚୀତ ଚାର୍ଜ : ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡସ୍

5 ଏପ୍ରିଲ୍ 2022 ଠାରୁ କାର୍ଯ୍ୟକାରୀ

### 1. ଯୋଗଦାନ ଶୁଳ୍କ, ବାର୍ଷିକ ଶୁଳ୍କ ଓ ଆଡ୍-ଅନ୍ କାର୍ଡ଼ ଶୁଳ୍କ

| ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ର ପ୍ରକାର | ଆରମ୍ଭ/ ଯୋଗଦାନ ଶୁଳ୍କ (₹) | ବାର୍ଷିକ / ବାର୍ଷିକ ଶୁଳ୍କ (₹) | ଆଡ୍ ଅନ୍ କାର୍ଡ଼ ଶୁଳ୍କ (₹) |
|---|---|---|---|
| ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ୱେଲ୍ଥ କ୍ରେଡିଟ୍ କାର୍ଡ଼<br>ଏମ୍ପଲଇ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ୱାଓ! କ୍ରେଡିଟ୍ କାର୍ଡ଼ | ନାହିଁ | ନାହିଁ | ନାହିଁ |
| ଇମେଜ୍ ପର୍ସୋନାଲାଇଜେସନ ଫି * | ₹499 | ନାହିଁ | ₹499 |
| ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ | ₹50,000 | ₹50,000 | 1ମ ଆଡ୍ ଅନ୍ – ନାହିଁ,<br>2ୟ ଆଡ୍ ଅନ୍ ପରଠାରୁ –<br>ପ୍ରତି ଆଡ୍ ଅନ୍ ଉପରେ ଟ.4000 |

*ଇମେଜ୍ ପର୍ସୋନାଲାଇଜେସନ ବୈଶିଷ୍ଟ୍ୟ ଫାଷ୍ଟ ପ୍ରାଇଭେଟ୍ ଉପରେ ପ୍ରଯୁଜ୍ୟ ହେବ ନାହିଁ

### 2. ଫାଇନାନ୍ସ ଚାର୍ଜେସ୍*:

| ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ର ପ୍ରକାର | **କ୍ରୟ, କ୍ୟାସ୍ ଆଡ୍ଭାନ୍ସ ଏବଂ ଆଉଟଷ୍ଟାଣ୍ଡିଂ ବାଲାନ୍ସ ଡ୍ୟୁ ଉପରେ ସୁଧ ହାର**<br>(ସର୍ବନିମ୍ନ ପରିମାଣ ବକେୟା ଏବଂ ମୋଟ୍ ପରିମାଣ ବକେୟା ମୂଲ୍ୟ ମଧ୍ୟରେ ଯଦି ପେମେଣ୍ଟ କରାଯାଇଥାଏ ତେବେ ଚାର୍ଜ ହେବ) | **ବକେୟା ସୁଧ**<br>(ପେମେଣ୍ଟ ଦେୟ ତାରିଖ ଦ୍ୱାରା ସର୍ବନିମ୍ନ ପରିମାଣ ଦେୟ (ଏମଏଡି) ପଇଠ ନକରିବା ଉପରେ ଚାର୍ଜ କରାଯିବ) |
|---|---|---|
| ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ୱେଲ୍ଥ କ୍ରେଡିଟ୍ କାର୍ଡ଼<br>ଏମ୍ପଲଇ କ୍ରେଡିଟ୍ କାର୍ଡ଼<br>ଫାଷ୍ଟ ୱାଓ! କ୍ରେଡିଟ୍ କାର୍ଡ଼ | ମାସିକ ହାର –<br>0.75% – 3.5%<br>ବାର୍ଷିକ ହାର –<br>9% –42% | ମାସିକ ହାର – 3.99%<br>ବାର୍ଷିକ ହାର – 47.88% |
| ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ | ମାସିକ ହାର – 0.75%<br>ବାର୍ଷିକ ହାର – 9% | ମାସିକ ହାର – 3.99%<br>ବାର୍ଷିକ ହାର – 47.88% |

### 3. ଅନ୍ୟାନ୍ୟ ଶୁଳ୍କ ଓ ଚାର୍ଜ

| | |
|---|---|
| କ୍ୟାସ ଆଡଭାନ୍ସ – କାରବାର ଫି** | ₹250 |

| | |
|---|---|
| ବିଳମ୍ବିତ ପେମେଣ୍ଟ ଶୁଳ୍କ | ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ୍, ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ୍, ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ୍, ଏମ୍ପଲଇ କ୍ରେଡିଟ୍ କାର୍ଡ୍, ଫାଷ୍ଟ ୱାଓ କ୍ରେଡିଟ୍ କାର୍ଡ୍, ଫାଷ୍ଟ ୱେଲଥ କ୍ରେଡିଟ୍ କାର୍ଡ୍ – ମୋଟ୍ ବକେୟା ଦେୟର 15% (ସର୍ବନିମ୍ନ ଟ.100 ଏବଂ ଏକ ସର୍ବାଧିକ ଟ.1250 ବିଷୟ ଉପରେ)<br>ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ୍ – ନାହିଁ |
| ଓଭରଲିମିଟ୍ ଶୁଳ୍କ | ଓଭରଲିମିଟ୍ ପରିମାଣର 2.5% (ସର୍ବନିମ୍ନ ଶୁଳ୍କ ଟ.500 ବିଷୟ ଉପରେ), ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ୍ ପାଇଁ ନାହିଁ, ଫାଷ୍ଟ ୱାଓ! କ୍ରେଡିଟ୍ କାର୍ଡ୍ ପାଇଁ ପ୍ରଯୁଜ୍ୟ ନୁହେଁ |
| ଚେକ ରିଟର୍ଣ / ଅଟୋ ଡେବିଟ୍/ ପେମେଣ୍ଟ ରିଟର୍ଣ | ପ୍ରତି ରିଟର୍ଣ ଚେକ୍ / ଅଟୋ ଡେବିଟ୍ / ପେମେଣ୍ଟ ରିଟର୍ଣ ଉପରେ ଟ.250 |
| ରିୱାର୍ଡ୍ ରିଡେମ୍ପସନ ଫି | ନାହିଁ (1 ଅକ୍ଟୋବର 2022 ଠାରୁ କାର୍ଯ୍ୟକାରୀ ହେବ), ପ୍ରତି ରିଡେମ୍ପସନ ଟ୍ରାନ୍‌ଜାକ୍‌ସନ ଉପରେ ଟ.99) |
| ଶାଖାରେ ନଗଦ ଅର୍ଥ ପଇଠ ଉପରେ ଫି | ନାହିଁ |
| ଆଉଟଷ୍ଟେସନ ଚେକ୍ ପ୍ରକ୍ରିୟାକରଣ ଫି | ନାହିଁ |
| ଡୁପ୍ଲିକେଟ୍ ଷ୍ଟେଟମେଣ୍ଟ ଅନୁରୋଧ | ନାହିଁ |
| କାର୍ଡ୍ ପରିବର୍ତ୍ତନ ଫି | ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ୍, ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ୍, ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ୍, ଏମ୍ପଲଇ କ୍ରେଡିଟ୍ କାର୍ଡ୍, ଫାଷ୍ଟ ୱାଓ କ୍ରେଡିଟ୍ କାର୍ଡ୍, ଫାଷ୍ଟ ୱେଲଥ କ୍ରେଡିଟ୍ କାର୍ଡ୍ – ଟ.100, କାର୍ଡ୍ ସହିତ ଇମେଜ୍ ପର୍ସୋନାଲାଇଜେସନ ଟ.149 ଲାଗୁ ହେବ, ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ୍ – ଟ.4000 |
| ଚେକ୍ / କ୍ୟାସ ପ୍ରକ୍ରିୟାକରଣ ଫି | ନାହିଁ |
| ଚାର୍ଜ ସ୍ଲିପ୍ ଅନୁରୋଧ | ନାହିଁ |
| ଫରେନ୍ କରେନ୍‌ସି କାରବାର ଉପରେ ମାର୍କଅପ୍ ଚାର୍ଜେସ୍ | ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ୍, ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ୍ – 3.5%, ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ୍, ଏମ୍ପଲଇ କ୍ରେଡିଟ୍ କାର୍ଡ୍ –1.99%, ଫାଷ୍ଟ ୱେଲ୍‌ତ କ୍ରେଡିଟ୍ କାର୍ଡ୍ – 1.5%, ଫାଷ୍ଟ ୱାଓ କ୍ରେଡିଟ୍ କାର୍ଡ୍, ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ କାର୍ଡ୍ – ନାହିଁ |
| ଇଏମଆଇ ଶୁଳ୍କ | କାରବାର ମୂଲ୍ୟର 1% (ସର୍ବନିମ୍ନ ଟ.99) |
| ଫୁଏଲ୍ ସରଚାର୍ଜ ଛାଡ଼ ^ | ଫାଷ୍ଟ ମିଲେନିଆ କ୍ରେଡିଟ୍ କାର୍ଡ୍, ଫାଷ୍ଟ କ୍ଲାସିକ୍ କ୍ରେଡିଟ୍ କାର୍ଡ୍, ଫାଷ୍ଟ ୱାଓ କ୍ରେଡିଟ୍ କାର୍ଡ୍ ଉପରେ ପ୍ରତି ଷ୍ଟେଟମେଣ୍ଟ ସାଇକେଲ୍ ପାଇଁ ଟ.200 ପର୍ଯ୍ୟନ୍ତ ଛାଡ଼<br>ଫାଷ୍ଟ ସିଲେକ୍ଟ କ୍ରେଡିଟ୍ କାର୍ଡ୍, ଏମ୍ପଲଇ କ୍ରେଡିଟ୍ କାର୍ଡ୍ ଉପରେ ପ୍ରତି ଷ୍ଟେଟମେଣ୍ଟ ସାଇକେଲ୍ ପାଇଁ ଟ.300 ପର୍ଯ୍ୟନ୍ତ ସରଚାର୍ଜ ଛାଡ଼<br>ଫାଷ୍ଟ ୱେଲ୍‌ଥ କ୍ରେଡିଟ୍ କାର୍ଡ୍, ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ୍ ଉପରେ ପ୍ରତି ଷ୍ଟେଟମେଣ୍ଟ ସାଇକେଲ୍ ପାଇଁ ଟ.400 ପର୍ଯ୍ୟନ୍ତ ସରଚାର୍ଜ ଛାଡ଼ |
| ବସ୍ତୁ ଓ ସେବା ଟିକସ (ଜିଏସଟି) | ଭାରତ ସରକାରଙ୍କ ଦ୍ୱାରା ବିଜ୍ଞାପିତ ପ୍ରକାରେ ହାର ଅନୁସାରେ, ସଂପ୍ରତି ସବୁ ପ୍ରକାର ଶୁଳ୍କ, ସୁଧ ଓ ଅନ୍ୟାନ୍ୟ ଚାର୍ଜ ଉପରେ @ 18% ପ୍ରଯୁଜ୍ୟ ଓ ଏହା ପରିବର୍ତ୍ତନ ହୋଇପାରେ। |

*ବ୍ୟାଙ୍କର ଆଭ୍ୟନ୍ତରୀଣ ନୀତି, ମାନଦଣ୍ଡ ଉପରେ ନିର୍ଭର କରି ଜଣେ କାର୍ଡ୍‌ଧାରୀଙ୍କ ପାଇଁ ଫାଇନାନ୍ସ (ଇଣ୍ଟ୍ରେଷ୍ଟ) ରେଟ୍ ପ୍ରଯୁଜ୍ୟ ହେବ। ଏହା ଚୂଡ଼ାନ୍ତ ଏବଂ ଏହାକୁ ମାନିବାକୁ ହେବ ଏବଂ ବ୍ୟାଙ୍କର ନିଷ୍ପତ୍ତି ଆଧାରରେ ଏହା ପରିବର୍ତ୍ତନଶୀଳ ଅଟେ।

**ଇଣ୍ଟରନାସନାଲ୍ ଆମାଉଣ୍ଟ ବିଲ୍ ହୋଇଥିବା ପୋଷ୍ଟ କନଭରସନ୍ ଆଇଏନଆର ଭାୟା ଡିସିସି ଅର୍ଥାତ୍ ଡାଇନାମିକ୍ କରେନ୍‌ସି କନଭରସନକୁ (ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଇଣ୍ଟରନାସନାଲ୍ ମର୍ଚ୍ଚାଣ୍ଟ ଆଉଟଲେଟ୍/ ଏଟିଏମ୍ ଯେଉଁଠାରେ ଜଣେ କାର୍ଡ୍ ସଦସ୍ୟଙ୍କୁ ଏକ ବୈଦେଶିକ ମୁଦ୍ରାର ପ୍ରକାର ଅନୁସାରେ ଏକ ଟ୍ରାନ୍‌ଜାକ୍‌ସନକୁ ସ୍ଥାନୀୟ ମୁଦ୍ରା ଅର୍ଥାତ୍ ଭାରତୀୟ ଟଙ୍କାରେ ରୂପାନ୍ତରିତ କରି ଉଠାଣ / ବିକ୍ରୟ କରିବା ପାଇଁ ସୁଯୋଗ ଦେଇଥାଏ ସେଭଳି ପ୍ରଦାନ କରାଯାଉଥିବା ସେବା) ସହିତ କୌଣସି ଫି/ ଚାର୍ଜକୁ ଗ୍ରହଣକାରୀ ବ୍ୟାଙ୍କ କିମ୍ବା ସେବା ପ୍ରଦାତାଙ୍କ ଦ୍ୱାରା ଲାଗୁ କରାଯାଏ।

^ଗ୍ରହଣକାରୀ (ମର୍ଚ୍ଚାଣ୍ଟଙ୍କ ବ୍ୟାଙ୍କ ପ୍ରଦାନକାରୀ ଟର୍ମିନାଲ୍/ ପେମେଣ୍ଟ ଗେଟୱେ ଦ୍ୱାରା ଫୁଏଲ୍ ଟ୍ରାନ୍‌ଜାକ୍‌ସନ ସରଚାର୍ଜ ଲାଗୁ ହୋଇଥାଏ)। ଯୋଗ୍ୟ ଫୁଏଲ୍ ଟ୍ରାନ୍‌ଜାକ୍ସନ ପରିମାଣର 1% ରେ ଫୁଏଲ୍ ସରଚାର୍ଜ ଛାଡ଼କୁ କ୍ୟାପ୍ କରାଯାଇଥାଏ। ଫୁଏଲ୍ ସରଚାର୍ଜ ଉପରେ ଜିଏସଟି ଫେରସ୍ତ ନିଆଯିବ ନାହିଁ। ଚାର୍ଜ ସ୍ଲିପ୍ ଉପରେ ମୂଲ୍ୟ କ୍ରେଡିଟ୍ କାର୍ଡ୍ ଷ୍ଟେଟମେଣ୍ଟ ଠାରୁ ଭିନ୍ନ ହୋଇଥାଏ ଯେହେତୁ ସରଚାର୍ଜ ଇତି ଜିଏସଟି ଗ୍ରହଣକାରୀ ବ୍ୟାଙ୍କ ଦ୍ୱାରା କାରବାର ପରେ ଲାଗୁ କରାଯାଏ। 1%ର ସରଚାର୍ଜ ଛାଡ଼ (ଜିଏସଟିକୁ ଛାଡ଼ି) ଯୋଗ୍ୟ କାରବାରକାରୀଙ୍କ ପାଇଁ ମାସିକ କ୍ରେଡିଟ୍ କାର୍ଡ୍ ଷ୍ଟେଟମେଣ୍ଟରେ ପୃଥକ ଭାବରେ ପ୍ରତିଫଳିତ ହୋଇଥାଏ।

## 1. ଶୁଳ୍କ ଓ ଦେୟ

### i. ବାର୍ଷିକ ଓ ନବୀକରଣ ସଦସ୍ୟତା ଶୁଳ୍କ

ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ ବ୍ୟତୀତ ସବୁ ପ୍ରକାର କାର୍ଡ଼ ପ୍ରକାର ଗୁଡ଼ିକ ପାଇଁ ବାର୍ଷିକ ଓ ନବୀକରଣ ସଦସ୍ୟତା ଶୁଳ୍କ କିଛି ନାହିଁ। ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ ଫି ଯାହା ପ୍ରଯୁଜ୍ୟ ହୋଇଥିବ ତାହାକୁ କାର୍ଡ଼ ଜାରି ସମୟରେ କାର୍ଡ଼ଧାରୀଙ୍କୁ ଅବଗତ କରାଇ ଦିଆଯିବ। ଫାଷ୍ଟ ପ୍ରାଇଭେଟ୍ ଆଡଅନ୍ କ୍ରେଡିଟ୍ କାର୍ଡ଼ – ଫାଷ୍ଟ ଆଡ୍ ଅନ୍ ଇସ୍ୟୁଆନ୍ସ ଦ୍ୱିତୀୟ ଆଡ୍ ଅନ୍ ପରଠାରୁ କମ୍ପ୍ଲିମେଣ୍ଟାରି ହେବ – ପ୍ରତି ଆଡ୍ ଅନ୍ ପାଇଁ ଟ.4000 ଲାଗୁ ହେବ।

### ii. ନଗଦ ଅର୍ଥ ଅଗ୍ରୀମ ଶୁଳ୍କ

କାର୍ଡ଼ଧାରୀ ଭାରତ କିମ୍ୱା ବିଦେଶରେ ଏଟିଏମରୁ ଜରୁରୀକାଳୀନ ନଗଦ ଅର୍ଥ ଉଠାଇବା ପାଇଁ ସେମାନଙ୍କ କାର୍ଡ଼କୁ ବ୍ୟବହାର କରିପାରିବେ। ଦେୟ ସୂଚୀରେ ଦିଆ ଯାଇଥିବା ପ୍ରକାରେ ଟ.250 ର କାରବାର ଫି ଲାଗୁ ହେବ ଏବଂ ତାହାକୁ ପରବର୍ତ୍ତୀ ଷ୍ଟେଟମେଣ୍ଟରେ କାର୍ଡ଼ଧାରୀଙ୍କୁ ବିଲ୍ କରାଯିବ। କାର୍ଡ଼ଧାରୀଙ୍କୁ ବିନା ନୋଟିସରେ ସମୟକୁ ସମୟରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରରେ ଟ୍ରାନ୍‌ଜାକ୍ସନ ଫି କୁ ପରିବର୍ତ୍ତନ କରାଯାଇପାରେ ଏବଂ ଏହାକୁ ବ୍ୟାଙ୍କର ୱେବସାଇଟରେ ଦେୟ ସୂଚୀର ପ୍ରକାଶନ କ୍ରମରେ ଉନ୍ମୋଚିତ କରାଯିବ।

### iii. ବିଳମ୍ୱିତ ପଇଠ ଦେୟ

ବିଳମ୍ୱିତ ପଇଠ ଦେୟ (ଏଲପିସି) ଲାଗୁ ହେବ ଯଦି କାର୍ଡ଼ରେ ସର୍ବନିମ୍ନ ପରିମାଣ ଦେୟ ହୋଇଥାଏ ଓ ପେମେଣ୍ଟ ଦେୟ ତାରିଖରେ ତାହାକୁ ପଇଠ କରାଯାଇନଥାଏ। ପୂର୍ବ ଷ୍ଟେଟମେଣ୍ଟ ଅନୁସାରେ କାର୍ଡ଼ର ସମୁଦାୟ ପରିମାଣ ଦେୟ ଉପରେ ନିର୍ଭର କରି ବିଳମ୍ୱିତ ପଇଠ ଦେୟ ଲାଗୁ ହୁଏ। ବିଳମ୍ୱିତ ପ୍ରଦାନ ଦେୟକୁ ଏଡ଼ାଇବା ପାଇଁ ଧାର୍ଯ୍ୟ ତାରିଖରେ ପେମେଣ୍ଟ କରିବା ପୂର୍ବରୁ ବା ସେହି ଦିନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ ଆକାଉଣ୍ଟକୁ ଉପଯୁକ୍ତ ପାଣ୍ଠି କ୍ରେଡିଟ୍ କରାଯିବା ଆବଶ୍ୟକ। ସଂପ୍ରତି ଏଲପିସି ହେଉଛି ଦେୟ ପରିମାଣର 15%। ଏଥିସହିତ ସର୍ବନିମ୍ନ ଟ.100 ଏବଂ ସର୍ବାଧିକ ଟ.1250। କାର୍ଡ଼ଧାରୀଙ୍କୁ ବିନା ନୋଟିସରେ ସମୟକୁ ସମୟରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରରେ ଏହି ଚାର୍ଜ ଗୁଡ଼ିକ ପରିବର୍ତ୍ତନ ହୋଇପାରେ ଏବଂ ଏହାକୁ ବ୍ୟାଙ୍କର ୱେବସାଇଟରେ ଦେୟ ସୂଚୀର ପ୍ରକାଶନ ମାଧ୍ୟମରେ ଉନ୍ମୋଚିତ କରାଯିବ।

ବିଳମ୍ୱିତ ପ୍ରଦାନ ଦେୟର ଉଦାହରଣ

| ମୋଟ୍ ବକେୟା ପରିମାଣ | ବିଳମ୍ୱିତ ପେମେଣ୍ଟ ଦେୟ |
|---|---|
| ₹100 ରୁ କମ୍ | ନାହିଁ |
| ₹500 | ₹100 |
| ₹5000 | ₹750 |
| ₹8000 | ₹1200 |
| ₹10000 | ₹1250 |
| ₹10000 ରୁ ଅଧିକ | ₹1250 |

ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ରରେ ଏଲପିସି – ନାହିଁ

### iv. ଆର୍ଥିକ ଶୁଳ୍କ (ସୁଧ ଦେୟ)

କାର୍ଡ଼ଧାରୀ ଭାରତ କିମ୍ୱା ଭାରତ ବାହାରେ ଜରୁରୀକାଳୀନ କ୍ଷେତ୍ରରେ ତାଙ୍କର କାର୍ଡ଼କୁ ବ୍ୟବହାର କରି କାରବାର କରିପାରିବେ। ସୂଚୀତ ଦେୟରେ ପ୍ରଦାନ କରାଯାଇଥିବା ପ୍ରକାରେ କାରବାର ଫି ଟ.250 ଲାଗୁ ହେବ ଓ ଏହା ପରବର୍ତ୍ତୀ ଷ୍ଟେଟମେଣ୍ଟରେ କାର୍ଡ଼ ସଦସ୍ୟଙ୍କ ଉପରେ ବିଲ୍ ଭାବରେ ଲାଗୁ ହେବ। କାର୍ଡ଼ ସଦସ୍ୟଙ୍କୁ ବିନା ନୋଟିସରେ ସମୟକୁ ସମୟରେ ଇଣ୍ଡିଆ ଫାଷ୍ଟ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରରେ ଏହି କାରବାର ଫି ପରିବର୍ତ୍ତନ ହେଇପାରେ ଏବଂ ବ୍ୟାଙ୍କର ୱେବସାଇଟରେ ଏହି ସୂଚୀତ ଚାର୍ଜକୁ ଉନ୍ମୋଚନ କରାଯିବା ସହିତ ପ୍ରକାଶ କରାଯାଏ।

a) ଆର୍ଥିକ (ସୁଧ) ଚାର୍ଜ କୁ କାର୍ଡ଼ ସଦସ୍ୟଙ୍କ ଉପରେ ଲାଗୁ କରାଯାଇଥାଏ ଯଦି ତାଙ୍କର କିଛି ପୂର୍ବରୁ ବକେୟା ଦେୟ ରହିଥାଏ କିମ୍ୱା ପ୍ରଦାନ ଧାର୍ଯ୍ୟ ତାରିଖରେ ସମ୍ପୂର୍ଣ ବକେୟା ଦେୟ ପ୍ରଦାନ କରାଯାଇନଥାଏ। ସବୁ ପ୍ରକାର କାରବାର ଗୁଡ଼ିକ ଉପରେ (କ୍ୟାସ ଅଗ୍ରୀମ ସହିତ) ଯଦି କାର୍ଡ଼ ସଦସ୍ୟ ତାଙ୍କର ବକେୟା ଦେୟକୁ ସମ୍ପୂର୍ଣ ଭାବରେ ପ୍ରଦାନ କରିବାକୁ ବାଛି ନଥିବେ ତେବେ ସେପରି କ୍ଷେତ୍ରରେ କାରବାର ତାରିଖ ଠାରୁ ସୁଧ ଚାର୍ଜ ପ୍ରଦେୟ ହେବ ଓ ଯେପର୍ଯ୍ୟନ୍ତ ସେ ପଇଠ କରିନାହାନ୍ତି ସେ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଆର୍ଥିକ ଚାର୍ଜ, ଯଦି ପ୍ରଦେୟ ହେଉଥାଏ ତେବେ କାର୍ଡ଼ରେ ସମ୍ପୂର୍ଣ ପଇଠ ହେବା ତାରିଖ ପର୍ଯ୍ୟନ୍ତ ବକେୟା ଦେୟକୁ କାର୍ଡ଼ଧାରୀଙ୍କ ଆକାଉଣ୍ଟରୁ ଡେବିଟ୍ କରାଯିବ। ଦୈନିକ ସଠିକତା ଭିତ୍ତି ଉପରେ କାର୍ଡ଼ଧାରୀଙ୍କ ଉପରେ ସୁଧ ଦେୟ ଲାଗୁ ହେବ ଯଦି ସେ ଧାର୍ଯ୍ୟ ତାରିଖ ପୂର୍ବରୁ କିମ୍ୱା ସେହି ଦିନ ପର୍ଯ୍ୟନ୍ତ ତାଙ୍କର ପୂର୍ବର ବିଲ୍ ପରିମାଣକୁ ସମ୍ପୂର୍ଣ ଭାବରେ ପଇଠ କରିନଥିବେ। ସେଟେଲମେଣ୍ଟ ତାରିଖ ପର୍ଯ୍ୟନ୍ତ କାରବାର ତାରିଖ ଠାରୁ ସୁଧ ଦେୟ ଲାଗୁ ହେବ।

b) ଯେଉଁଠାରେ ହାରାହାରି ଦୈନିକ ବାଲାନ୍ସ ପ୍ରଣାଳୀ ଦ୍ୱାରା ହିସାବ କରାଯାଇଥିବା ପ୍ରକାରେ କାର୍ଡ଼ଧାରୀ କୌଣସି ବକେୟା ପରିମାଣ ଆର୍ଥିକ ଚାର୍ଜକୁ ଫରୱାର୍ଡ଼ କରିଥିବେ ସେ କ୍ଷେତ୍ରରେ ବାଲାନ୍ସ ରହିଥିବା ଫରୱାର୍ଡ଼ ଏବଂ ସଦ୍ୟ ବିଲିଂକୁ ପୂର୍ବର ବକେୟା ଦେୟ ସମ୍ପୂର୍ଣ ପଇଠ ନକରାଯିବା ପର୍ଯ୍ୟନ୍ତ ଲାଗୁ କରାଯିବ।

c) ଆର୍ଥିକ (ସୁଧ) ହାର ଏପ୍ରକାର କାରକ ଗୁଡ଼ିକ ଆଧାରରେ ଗତିଶୀଳ ହେବ କିନ୍ତୁ ତାହା ସୀମିତ ହୋଇ ରହିବ ନାହିଁ। କାର୍ଡ଼ ଧାରୀଙ୍କ କାର୍ଡ଼ ଇତିହାସ, କ୍ରୟ ପଦ୍ଧତି, ପେମେଣ୍ଟ ଆଚରଣ, ଉପଯୋଗୀତା ପଦ୍ଧତି, ଲୟାଲିଟି, ଭେଣ୍ଟଜ୍ ଓ ବ୍ୟାଙ୍କର ଇଣ୍ଟରନାଲ୍ ପଲିସି ପାରାମିଟର ଏଥିପାଇଁ ଲାଗୁ ହେବ। ଆର୍ଥିକ (ସୁଧ) ହାର 3.99% ମାସ ପ୍ରତି ପରିବର୍ତ୍ତନ / ବୃଦ୍ଧି ହୋଇପାରେ (47.88% ବାର୍ଷିକିକୃତ ଭାବରେ) କିମ୍ୱା ମାସ ପ୍ରତି 0.75% ପର୍ଯ୍ୟନ୍ତ ପରିବର୍ତ୍ତନ /ହ୍ରାସ ହୋଇପାରେ (9.00% ବାର୍ଷିକିକୃତ ଭାବରେ) ଯାହା ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରିତ ହୋଇଥାଏ ଏବଂ ଏହାକୁ ଚୂଡ଼ାନ୍ତ ବୋଲି ଧରାଯିବା ସହିତ କାର୍ଡ଼ଧାରୀ ଏହାକୁ ମାନିବାକୁ ବାଧ ହେବେ।

d) ଯଦି କାର୍ଡ଼ଧାରୀ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ର ରିଭଲ୍‌ଭିଂ କ୍ରେଡିଟ୍ ସୁବିଧା ଉପଯୋଗ କରୁଥିବେ ଓ ଏହି କ୍ରମରେ ମାସିକ ବିଲିଂ ଷ୍ଟେଟମେଣ୍ଟରେ ପ୍ରତିଫଳିତ ସମୁଦାୟ ବକେୟା ଦେୟ ଠାରୁ କମ୍ ପରିମାଣର ପଇଠ କରୁଥିବେ ତେବେ ସମଗ୍ର ବକେୟା ପରିମାଣ ପାଇଁ ଆର୍ଥିକ ଚାର୍ଜ ଲାଗୁ ହୋଇପାରେ ଓ ସମସ୍ତ ନୂତନ କାରବାର ସହିତ କ୍ୟାସ ଆଡ଼ଭାନ୍ସ ପାଇଁ ମଧ୍ୟ ସେ ପ୍ରକାର ପୂର୍ବର ବକେୟା ପରିମାଣ ସମ୍ପୂର୍ଣ ପଇଠ ନହେବା ପର୍ଯ୍ୟନ୍ତ ଆର୍ଥିକ ଚାର୍ଜ ଲାଗୁ ହେବ। ଦୟାକରି ଏହା ଧାନ ଦେବା ଆବଶ୍ୟକ ଯେ ପୂର୍ବର ଷ୍ଟେଟମେଣ୍ଟ ଅନୁସାରେ କ୍ଲୋଜିଂ ବାଲାନ୍ସ ସହିତ ସମସ୍ତ ସଦ୍ୟ କ୍ରୟ/ ନଗଦ ଉଠାଣ ଉପରେ ସଂଗୃହିତ ସୁଧ ସମ୍ପୂର୍ଣ ବକେୟା ଦେୟ ପ୍ରଦାନ ତାରିଖ ପର୍ଯ୍ୟନ୍ତ ଲାଗୁ ହୁଏ। ଏଥି ସହିତ ଲୋନ୍ କିମ୍ୱା କ୍ରେଡିଟ୍ କାର୍ଡ଼ ପାଇଁ କୌଣସି ବିଲ୍ ହୋଇଥିବା ଦେୟ ସହିତ।

e) ଅନ୍ୟାନ୍ୟ କ୍ରେଡିଟ୍ କାର୍ଡ଼ ଆକାଉଣ୍ଟରୁ ବାଲାନ୍ସ ଟ୍ରାନ୍ସଫର କ୍ଷେତ୍ରରେ ଫାଇନାନ୍ସ ଚାର୍ଜର ଜମା ତତ୍କାଳ ଭାବରେ ବ୍ୟାଙ୍କର୍ସ ଚେକ୍ / ଟ୍ରାନ୍ସଫର ହେବାକୁ ଥିବା ପରିମାଣ ଉପରେ ଏନଇଏଫଟି ଜାରି ତାରିଖ ଠାରୁ ଏବଂ ଆପଣଙ୍କ କାର୍ଡ଼ ଆକାଉଣ୍ଟ ଉପରେ କ୍ରୟ କରିଥିବା ପରିମାଣ ବକେୟା ଉପରେ ଲାଗୁ ହେବ।

f) ଏହି ଫାଇନାନ୍ସ ଚାର୍ଜ ଗୁଡ଼ିକ ଉପରୋକ୍ତ ପ୍ରକାରେ କାର୍ଡ଼ର ସମ୍ପୂର୍ଣ ବକେୟା ଦେୟ ପଇଠ ପର୍ଯ୍ୟନ୍ତ କାର୍ଡ଼ ଆକାଉଣ୍ଟର ସମାପ୍ତି ପରେ ସୁଧା ପ୍ରଦେୟ ପାଇଁ ଜାରି ରହିଥାଏ।

## ସୁଧ ଓ ଦେୟ ହିସାବ ପାଇଁ ଉଦାହରଣମୂଳକ

**ଉଦାହରଣ 1**

ନିମ୍ନଲିଖିତ ଉଦାହରଣରେ ପେମେଣ୍ଟ ଧାର୍ଯ୍ୟ ତାରିଖ ସୁଦ୍ଧା ପଇଠ ନକରାଯାଇଥିବା ସର୍ବନିମ୍ନ ଦେୟ ପରିମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାର୍ଜ ଗୁଡ଼ିକୁ ହିସାବ କରାଯାଇଛି। ଏହା ଆକଳନ କରାଯାଇଛି ଯେ କାର୍ଡ଼ଧାରୀ ତାଙ୍କର ସମସ୍ତ ପୂର୍ବର ଦେୟ ଗୁଡ଼ିକୁ ପଇଠ କରିଛନ୍ତି ଏବଂ ତାଙ୍କର କାର୍ଡ଼ ଆକାଉଣ୍ଟରେ କୌଣସି ବକେୟା ଦେୟ ପରିମାଣ ରହି ନାହିଁ। ଷ୍ଟେଟମେଣ୍ଟ ତାରିଖ ହେଉଛି 24 ନଭେମ୍ବର ଏବଂ ପେମେଣ୍ଟ ଦେୟ ତାରିଖ ହେଉଛି 12 ଡିସେମ୍ବର। ନିମ୍ନଲିଖିତ ତାଲିକାଟି କାର୍ଡ଼ ଆକାଉଣ୍ଟରେ କରାଯାଇଥିବା କାରବାରର ତାଲିକା ଅଟେ।

| ତାରିଖ | କାରବାର | ପରିମାଣ | ବାଲାନ୍ସ |
|---|---|---|---|
| 10 ନଭେମ୍ବର | ଆପାରେଲ୍ କ୍ରୟ | ₹15000 | ₹15000 |
| 15 ନଭେମ୍ବର | ଏଟିଏମ୍ ଉଠାଣ | ₹5000 | ₹20000 |
| 15 ନଭେମ୍ବର | କ୍ୟାସ୍ ଆଡ୍‌ଭାନ୍ସ ଫି (ଟିକସ ସହିତ) | ₹295 | ₹20295 |
| 18 ନଭେମ୍ବର | ଗ୍ରୋସେରି କ୍ରୟ | ₹6000 | ₹26295 |
| 24 ନଭେମ୍ବର | ଷ୍ଟେଟମେଣ୍ଟ ତାରିଖ | ମୋଟ୍ ବକେୟା ପରିମାଣ<br>ସର୍ବନିମ୍ନ ବକେୟା ପରିମାଣ | ₹26295<br>₹1595 |
| 12 ଡିସେମ୍ବର | | ପେମେଣ୍ଟ ଦେୟ ତାରିଖ | |
| 13 ଡିସେମ୍ବର | ବିଳମ୍ବିତ ପଇଠ ଦେୟ (ଟିକସ ସହିତ) | ₹1475 | ₹27770 |
| 18 ଡିସେମ୍ବର | କାର୍ଡ଼ ଆକାଉଣ୍ଟକୁ ପେମେଣ୍ଟ | ₹2000 (କ୍ରେଡିଟ୍) | ₹25770 |
| 20 ଡିସେମ୍ବର | ଇଲେକ୍ଟ୍ରିସିଟି ବିଲ୍ ପେମେଣ୍ଟ | ₹1000 | ₹26770 |
| 22 ଡିସେମ୍ବର | କାର୍ଡ଼ ଆକାଉଣ୍ଟକୁ ପେମେଣ୍ଟ | ₹18000 (କ୍ରେଡିଟ୍) | ₹8770 |

24 ଡିସେମ୍ବର ପର୍ଯ୍ୟନ୍ତ କାର୍ଡ଼ ଉପରେ କୌଣସି ପରବର୍ତ୍ତୀ ପେମେଣ୍ଟ କରାଯାଇ ନାହିଁ (ଅର୍ଥାତ୍ ପରବର୍ତ୍ତୀ ଷ୍ଟେଟମେଣ୍ଟ ତାରିଖ)। କାର୍ଡ଼ ଉପରେ ଓଭରଡ୍ୟୁ ସୁଧ ହାର ବାର୍ଷିକ 47.88%, ସୁଧ ଓ ଦେୟକୁ ନିମ୍ନ ପ୍ରକାରେ ଲାଗୁ କରାଯିବ।

a) ସୁଧ ଦେୟ

| ବାଲାନ୍ସ ପରିମାଣ | ତାରିଖ ଠାରୁ | ତାରିଖ ପର୍ଯ୍ୟନ୍ତ | ଦିନ ସଂଖ୍ୟା | ସୁଧ ଦେୟ |
|---|---|---|---|---|
| ₹15000 | 10 ନଭେମ୍ବର | 14 ନଭେମ୍ବର | 5 | ₹98.38 |
| ₹20295 | 15 ନଭେମ୍ବର | 17 ନଭେମ୍ବର | 3 | ₹79.87 |
| ₹26295 | 18 ନଭେମ୍ବର | 12 ଡିସେମ୍ବର | 25 | ₹862.33 |
| ₹27770 | 13 ଡିସେମ୍ବର | 17 ଡିସେମ୍ବର | 5 | ₹182.14 |
| ₹25770 | 18 ଡିସେମ୍ବର | 19 ଡିସେମ୍ବର | 2 | ₹67.61 |
| ₹26770 | 20 ଡିସେମ୍ବର | 21 ଡିସେମ୍ବର | 2 | ₹70.23 |
| ₹8770 | 22 ଡିସେମ୍ବର | 24 ଡିସେମ୍ବର | 3 | ₹34.51 |
| | | ମୋଟ୍ ସୁଧ ଦେୟ | | ₹1395.08 |

b) ସୁଧ ଦେୟର ଜିଏସଟି @18% = ଟ.251.12

c) ମୋଟ୍ ବାଲାନ୍ସ ବକେୟା ପରିମାଣ = ଟ.8770

ତେଣୁ 24 ଡିସେମ୍ବର ଷ୍ଟେଟମେଣ୍ଟରେ ସମୁଦାୟ ବକେୟା ପରିମାଣ (କ) + (ଖ) + (ଗ) ରେ = ଟ.10416.20

**ଉଦାହରଣ 2**

ନିମ୍ନଲିଖିତ ଉଦାହରଣରେ ପେମେଣ୍ଟ ଧାର୍ଯ୍ୟ ତାରିଖ ସୁଦ୍ଧା ପଇଠ କରାଯାଇଥିବା ସର୍ବନିମ୍ନ ଦେୟ ପରିମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାର୍ଜ ଗୁଡ଼ିକୁ ହିସାବ କରାଯାଇଛି। ଏହା ଆକଳନ କରାଯାଇଛି ଯେ କାର୍ଡ୍‌ଧାରୀ ତାଙ୍କର ସମସ୍ତ ପୂର୍ବର ଦେୟ ଗୁଡ଼ିକୁ ପଇଠ କରିଛନ୍ତି ଏବଂ ତାଙ୍କର କାର୍ଡ୍ ଆକାଉଣ୍ଟରେ କୌଣସି ବକେୟା ଦେୟ ପରିମାଣ ରହି ନାହିଁ। ଷ୍ଟେଟମେଣ୍ଟ ତାରିଖ ହେଉଛି 24 ନଭେମ୍ବର ଏବଂ ପେମେଣ୍ଟ ଦେୟ ତାରିଖ ହେଉଛି 12 ଡିସେମ୍ବର। ନିମ୍ନଲିଖିତ ତାଲିକାଟି କାର୍ଡ୍ ଆକାଉଣ୍ଟରେ କରାଯାଇଥିବା କାରବାରର ତାଲିକା ଅଟେ।

| ତାରିଖ | କାରବାର | ପରିମାଣ | ବାଲାନ୍ସ |
|---|---|---|---|
| 10 ନଭେମ୍ବର | ଆପାରେଲ୍ କ୍ରୟ | ₹15000 | ₹15000 |
| 15 ନଭେମ୍ବର | ଏଟିଏମ୍ ଉଠାଣ | ₹5000 | ₹20000 |
| 15 ନଭେମ୍ବର | କ୍ୟାସ୍ ଆଡ୍‌ଭାନ୍ସ ଫି (ଟିକସ ସହିତ) | ₹295 | ₹20295 |
| 18 ନଭେମ୍ବର | ଗ୍ରୋସେରି କ୍ରୟ | ₹6000 | ₹26295 |
| 24 ନଭେମ୍ବର | ଷ୍ଟେଟମେଣ୍ଟ ତାରିଖ | ମୋଟ୍ ବକେୟା ପରିମାଣ<br>ସର୍ବନିମ୍ନ ବକେୟା ପରିମାଣ | ₹26295<br>₹1595 |
| 12 ଡିସେମ୍ବର | | ପେମେଣ୍ଟ ଦେୟ ତାରିଖ | |
| 12 ଡିସେମ୍ବର | କାର୍ଡ୍ ଆକାଉଣ୍ଟକୁ ପେମେଣ୍ଟ | −₹1595 | ₹24700 |
| 18 ଡିସେମ୍ବର | କାର୍ଡ୍ ଆକାଉଣ୍ଟକୁ ପେମେଣ୍ଟ | −₹2000 | ₹22700 |
| 20 ଡିସେମ୍ବର | ଇଲେକ୍ଟ୍ରିସିଟି ବିଲ୍ ପେମେଣ୍ଟ | −₹1000 | ₹23700 |
| 22 ଡିସେମ୍ବର | କାର୍ଡ୍ ଆକାଉଣ୍ଟକୁ ପେମେଣ୍ଟ | −₹18000 | ₹5700 |

24 ଡିସେମ୍ବର ପର୍ଯ୍ୟନ୍ତ କାର୍ଡ୍ ଉପରେ କୌଣସି ପରବର୍ତ୍ତୀ ପେମେଣ୍ଟ କରାଯାଇ ନାହିଁ (ଅର୍ଥାତ୍ ପରବର୍ତ୍ତୀ ଷ୍ଟେଟମେଣ୍ଟ ତାରିଖ)। ଆକଳିତ ଓଭରଡ୍ୟୁ ସୁଧ ହାର ବାର୍ଷିକ 36% କାର୍ଡ୍ ଉପରେ ଲାଗୁ ହେବ, ସୁଧ ଓ ଦେୟ ନିମ୍ନ ପ୍ରକାରେ ହେବ :

a) ସୁଧ ଦେୟ

| ବାଲାନ୍ସ ପରିମାଣ | ତାରିଖ ଠାରୁ | ତାରିଖ ପର୍ଯ୍ୟନ୍ତ | ଦିନ ସଂଖ୍ୟା | ସୁଧ ଦେୟ |
|---|---|---|---|---|
| ₹15000 | 10 ନଭେମ୍ବର | 14 ନଭେମ୍ବର | 5 | ₹73.97 |
| ₹20295 | 15 ନଭେମ୍ବର | 17 ନଭେମ୍ବର | 3 | ₹60.05 |
| ₹26295 | 18 ନଭେମ୍ବର | 11 ଡିସେମ୍ବର | 24 | ₹622.44 |
| ₹24700 | 12 ଡିସେମ୍ବର | 17 ଡିସେମ୍ବର | 6 | ₹146.17 |
| ₹22700 | 18 ଡିସେମ୍ବର | 19 ଡିସେମ୍ବର | 2 | ₹44.78 |
| ₹23700 | 20 ଡିସେମ୍ବର | 21 ଡିସେମ୍ବର | 2 | ₹46.75 |
| ₹5700 | 22 ଡିସେମ୍ବର | 24 ଡିସେମ୍ବର | 3 | ₹16.87 |
| | | ମୋଟ୍ ସୁଧ ଦେୟ | | ₹1011.02 |

b) ସୁଧ ଦେୟର ଜିଏସଟି @18% = ଟ.181.98

c) ମୋଟ୍ ବାଲାନ୍ସ ବକେୟା ପରିମାଣ ୱ ଟ.5700

ତେଣୁ 24 ଡିସେମ୍ବର ଷ୍ଟେଟମେଣ୍ଟରେ ସମୁଦାୟ ବକେୟା ପରିମାଣ (କ) + (ଖ) + (ଗ) ରେ = ଟ.6893

**ଉଦାହରଣ 3**

ନିମ୍ନଲିଖିତ ଉଦାହରଣରେ ପେମେଣ୍ଟ ଧାର୍ଯ୍ୟ ତାରିଖ ସୁଦ୍ଧା ପଇଠ କରାଯାଇଥିବା ମୋଟ୍ ଦେୟ ପରିମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାର୍ଜ ଗୁଡ଼ିକୁ ହିସାବ କରାଯାଇଛି। ବିଭିନ୍ନ ପ୍ରକାର ଚାର୍ଜର ହିସାବ ପ୍ରଣାଳୀକୁ ସୂଚୀତ କରାଯାଉଛି। ଆକଳନ କରାଯାଇଛି ଯେ କାର୍ଡ଼ଧାରୀ ତାଙ୍କର ସମସ୍ତ ପୂର୍ବର ଦେୟ ଗୁଡ଼ିକୁ ସମ୍ପୂର୍ଣ ପଇଠ କରିଛନ୍ତି ଓ ତାଙ୍କର କାର୍ଡ଼ ଆକାଉଣ୍ଟରେ କୌଣସି ବକେୟା ପରିମାଣ ରହି ନାହିଁ। ଷ୍ଟେଟମେଣ୍ଟ ତାରିଖ ହେଉଛି 24 ନଭେମ୍ବର ଏବଂ ପେମେଣ୍ଟ ଦେୟ ତାରିଖ ହେଉଛି 12 ଡିସେମ୍ବର। ନିମ୍ନଲିଖିତ ତାଲିକାଟି କାର୍ଡ଼ ଆକାଉଣ୍ଟରେ କରାଯାଇଥିବା କାରବାରର ତାଲିକା ଅଟେ।

| ତାରିଖ | କାରବାର | ପରିମାଣ | ବାଲାନ୍ସ |
|---|---|---|---|
| 10 ନଭେମ୍ବର | ଆପାରେଲ୍ କ୍ରୟ | ₹15000 | ₹15000 |
| 15 ନଭେମ୍ବର | ଏଟିଏମ୍ ଉଠାଣ | ₹5000 | ₹20000 |
| 15 ନଭେମ୍ବର | କ୍ୟାସ୍ ଆଡ୍‌ଭାନ୍ସ ଫି (ଟିକସ ସହିତ) | ₹295 | ₹20295 |
| 18 ନଭେମ୍ବର | ଗ୍ରୋସେରି କ୍ରୟ | ₹6000 | ₹26295 |
| 24 ନଭେମ୍ବର | ଷ୍ଟେଟମେଣ୍ଟ ତାରିଖ | ମୋଟ୍ ବକେୟା ପରିମାଣ<br>ସର୍ବନିମ୍ନ ବକେୟା ପରିମାଣ | ₹26295<br>₹1595 |
| 12 ଡିସେମ୍ବର | | ପେମେଣ୍ଟ ଦେୟ ତାରିଖ | |
| 12 ଡିସେମ୍ବର | କାର୍ଡ଼ ଆକାଉଣ୍ଟକୁ ପେମେଣ୍ଟ | ₹26295 | - |
| 20 ଡିସେମ୍ବର | ଇଲେକ୍‌ଟ୍ରିସିଟି ବିଲ୍ ପେମେଣ୍ଟ | ₹1000 | ₹1000 |

24 ଡିସେମ୍ବର ପର୍ଯ୍ୟନ୍ତ କାର୍ଡ଼ ଉପରେ କୌଣସି ପରବର୍ତ୍ତୀ ପେମେଣ୍ଟ କରାଯାଇ ନାହିଁ। (ଅର୍ଥାତ୍ ପରବର୍ତ୍ତୀ ଷ୍ଟେଟମେଣ୍ଟ ତାରିଖ)। ଆକଳିତ ଓଭରଡ୍ୟୁ ସୁଧ ହାର ବାର୍ଷିକ ଆକାରରେ 36% ବାର୍ଷିକ ଭାବରେ କାର୍ଡ଼ ଉପରେ ଲାଗୁ ହେବ, ସୁଧ ଓ ଦେୟ ନିମ୍ନ ପ୍ରକାରେ ଲାଗୁ ହେବ।

a) ସୁଧ ଦେୟ – ନାହିଁ

b) ଜିଏସଟି ଦେୟ – ନାହିଁ

c) ମୋଟ୍ ବାଲାନ୍ସ ବକେୟା ପରିମାଣ = ଟ.1000

ତେଣୁ 24 ଡିସେମ୍ବର ଷ୍ଟେଟମେଣ୍ଟରେ ସମୁଦାୟ ବକେୟା ପରିମାଣ (କ) + (ଖ) + (ଗ) ରେ = ଟ.1000

v. ଅନ୍ୟାନ୍ୟ ଦେୟ

a) ଓଭର ଲିମିଟ୍ ଫି : କାର୍ଡ଼ଧାରୀଙ୍କ ଦ୍ୱାରା ଉଦ୍ୟମ କରାଯାଉଥିବା କିଛି ନିର୍ଦ୍ଦିଷ୍ଟ କାରବାରକୁ ବ୍ୟାଙ୍କ ଅନୁମୋଦନ କରିପାରେ ଯାହା ଏକ ସେବା ଭାବରେ କ୍ରେଡିଟ୍ ସୀମାର ଶୃଙ୍ଖଳା ଭଙ୍ଗ କରିପାରେ। ଏକ ଓଭର ଲିମିଟ୍ ଚାର୍ଜ 2.5% କୁ ଓଭର ଲିମିଟ୍ ପରିମାଣ ଉପରେ ଲାଗୁ କରାଯିବ ଯାହା ସର୍ବନିମ୍ନ ଟ.500 ହୋଇପାରେ। ଓଭର ଲିମିଟ୍ ଷ୍ଟାଟସ୍ ମଧ ଦେଖା ଦେଇପାରେ କାରଣ ଫି କିମ୍ବା ସୁଧ ଦେୟ ହେତୁ। ଫାଷ୍ଟ ୱାଓ କ୍ରେଡିଟ୍ କାର୍ଡ଼ ଉପରେ ଓଭର ଲିମିଟ୍ ଶୁଳ୍କ ପ୍ରଯୁଜ୍ୟ ହୋଇନଥାଏ।

b) ବୈଦେଶିକ ମୁଦ୍ରାରେ ଦେୟ : ଯଦି ଭାରତୀୟ ଟଙ୍କା ପରିବର୍ତ୍ତେ କରେନ୍‌ସିରେ ଏକ କାରବାର କରାଯାଇଥାଏ ତେବେ ସେଭଳି କାରବାର ବିଷୟଟି ଭାରତୀୟ ମୁଦ୍ରାକୁ ରୂପାନ୍ତରିତ ହେବ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ସହିତ ସେଟେଲ୍ ହୋଇଥିବା କାରବାର ତାରିଖ ଦିନ ଉକ୍ତ ରୂପାନ୍ତରିତ କାର୍ଯ୍ୟ ସ୍ଥିରିତ ହେବ ଯାହାକି କରାଯାଇଥିବା କାରବାରର ସେହି ଗୋଟିଏ ଦିନରେ ହୋଇନପାରେ। ଯଦି କାରବାର ୟୁଏସ ଡଲାରରେ ହୋଇନଥାଏ ତେବେ ଏହି ରୂପାନ୍ତରିତ କାର୍ଯ୍ୟକୁ ୟୁଏସ ଡଲାର ଜରିଆରେ କରାଯିବ ଓ ରୂପାନ୍ତରିତ ଦେୟ ପରିମାଣକୁ ୟୁଏସ୍ ଡଲାରରେ ନିଆଯିବ ଓ ତାପରେ ୟୁଏସ୍ ଡଲାରକୁ ରୂପାନ୍ତରିତ କରାଯାଇ ଭାରତୀୟ ମୁଦ୍ରାରେ ରଖାଯିବ। ପ୍ରଯୁଜ୍ୟ ନିୟମ ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ଦର ବ୍ୟତୀତ ୟୁଏସ୍ ଡଲାରରୁ ଭାରତୀୟ ମୁଦ୍ରାକୁ ରୂପାନ୍ତରିତ ଦର ଭିସା କିମ୍ବା ମାଷ୍ଟରକାର୍ଡ଼ରେ ପ୍ରଦାନ କରାଯାଇଥିବା ଦର ଅନୁସାରେ ହେବ, ସେ ଯାହା ହେଇଥାଉ ନା କାହିଁକି ଏବଂ ତାହା ସେଟେଲମେଣ୍ଟ ତାରିଖରେ ହେବ, ମୁଦ୍ରା ରୂପାନ୍ତରିତ କାରକ ଆକଳନ ଦ୍ୱାରା ଏହା ବୃଦ୍ଧି ହୋଇପାରେ କିମ୍ବା ସେ ପ୍ରକାର କାରବାର ଉପରେ ମାର୍କ ଅପ୍ ଲଗା ଯାଇପାରେ। କାର୍ଡ଼ଧାରୀ ମାର୍କ ଅପ୍ ଚାର୍ଜେସ୍ ପାଇଁ ଦୟାକରି ଦେୟ ସୂଚୀକୁ ଦେଖିବା ପାଇଁ ଅନୁରୋଧ।

c) ଫୁଏଲ୍ ଟ୍ରାନ୍‌ଜାକ୍‌ସନ ସରଚାର୍ଜ ଏବଂ ରେଲଓ୍ୱେ ଟିକେଟ୍ ବୁକିଂ ସରଚାର୍ଜ (ଦେୟ ସୂଚୀରେ ପ୍ରଦାନ କରାଯାଇଥିବା ପ୍ରକାରେ) ଏଗୁଡ଼ିକ କେବଳ ସାଙ୍କେତିକ। ଏହିସବୁ ସରଚାର୍ଜ ଗୁଡ଼ିକ ଗ୍ରହଣକାରୀଙ୍କ ଦ୍ୱାରା ଲାଗୁ କରାଯାଏ (ମର୍ଚ୍ଚାଣ୍ଟଙ୍କ ବ୍ୟାଙ୍କ ପ୍ରଦାନକାରୀ ଟର୍ମିନାଲ୍ / ପେମେଣ୍ଟ ଗେଟଓ୍ୱେ)

d) ଷ୍ଟେଟମେଣ୍ଟ, କାର୍ଡ଼ ପରିବର୍ତ୍ତନ, ଆଉଟଷ୍ଟେସନ ଚେକ୍, ଶାଖା ଏଟିଏମରେ ନଗଦ ଟଙ୍କା ଜମା, ପେମେଣ୍ଟ ଫେରସ୍ତ ଆସିବା, ଇଏମଆଇ ରୂପାନ୍ତରଣ, ଅର୍ଥ ପ୍ରକ୍ରିୟାକରଣ, ରିଓ୍ୱାର୍ଡ଼ ବିମୋଚନ, ବାଲାନ୍ସ ଟ୍ରାନ୍ସଫର, ଋଣ ପ୍ରକ୍ରିୟାକରଣ, ପ୍ରିକ୍ଲୋଜର, କାର୍ଡ଼ ଭାଲିଡେସନ, ଲାଉଞ୍ଜ ପାଇଁ ରହିଥିବା ଅନ୍ୟାନ୍ୟ ଦେୟ ପ୍ରଯୁଜ୍ୟ ହେବ। ସୂଚୀରେ ଦିଆ ଯାଇଥିବା ପ୍ରକାରେ ଆଡ୍ ଅନ୍ କାର୍ଡ଼ ପାଇଁ ଦେୟ ଲାଗୁ ହେବ।

e) ଅନ୍ୟାନ୍ୟ ଅତିରିକ୍ତ ଦେୟ ଓ ଶୁଳ୍କ ଗୁଡ଼ିକୁ ସମୟକୁ ସମୟରେ ପ୍ରଯୁଜ୍ୟ ହୋଇପାରେ ଯାହାକୁ ସଂପୃକ୍ତ କାର୍ଡ଼ଧାରୀଙ୍କୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଧାରିତ ସେବା ପାଇଁ କାର୍ଡ଼ଧାରୀଙ୍କ ଦ୍ୱାରା ପ୍ରଦେୟ ହେବ।

f) ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ସମୟକୁ ସମୟରେ ଯେକୌଣସି ଦେୟ କିମ୍ବା ଶୁଳ୍କକୁ ପରିବର୍ତ୍ତନ କରିବା ପାଇଁ ଅଧିକାର ବଜାୟ ରଖିଛି କିମ୍ବା ଗ୍ରାହକଙ୍କୁ ଉପଯୁକ୍ତ ସୂଚନା ସହିତ କୌଣସି ନୂତନ ଦେୟ ବା ଫି କୁ ବ୍ୟାଙ୍କ ଲାଗୁ କରାଇପାରେ।

## 2. ସୀମିତତା

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏହାର ଏକକ ନିଷ୍ପତ୍ତି ଆଧାରରେ କାର୍ଡ଼ଧାରୀଙ୍କର କ୍ରେଡିଟ୍ ସୀମା ଓ ଟଙ୍କା ଉଠାଣ ସୀମାକୁ ନିର୍ଦ୍ଧାରଣ କରିବ (ଆଡ୍ ଅନ୍ କାର୍ଡ଼ଧାରୀଙ୍କ ପାଇଁ ଏହି ସୀମା ଲାଗୁ ହେବ)। କ୍ରେଡିଟ୍ ସୀମା ଓ ଟଙ୍କା ଉଠାଣ ସୀମାକୁ କାର୍ଡ଼ ଡେଲିଭରି ସମୟରେ ସୂଚୀତ କରି ଦିଆଯିବ ଓ ଆହୁରି ମଧ ମାସିକ ଷ୍ଟେଟମେଣ୍ଟରେ ତାହାକୁ ଉଲ୍ଲେଖ କରାଯିବ। ମୋଟ୍ କ୍ରେଡିଟ୍ ସୀମାରୁ ବ୍ୟବହୃତ ସୀମା ହ୍ରାସ କରାଯାଇ ଉପଲବ୍ଧ କ୍ରେଡିଟ୍ ସୀମାକୁ ହିସାବ କରାଯାଇଥାଏ। ଯଦି କାର୍ଡ଼ଧାରୀ କାର୍ଡ଼ ଉପରେ କ୍ରେଡିଟ ସୀମା ମଧରେ କୌଣସି ଋଣ ଉପଲବ୍ଧ କରନ୍ତି ତେବେ ତାଙ୍କର ବକେୟା ଋଣ ପରିମାଣ ମଧ ସମୁଦାୟ କ୍ରେଡିଟ୍ ଲିମିଟରୁ କାଟ କରାଯାଇ ଉପଲବ୍ଧ କ୍ରେଡିଟ୍ ସୀମା ମଧରେ ପହଞ୍ଚିବ। କ୍ୟାସ ଲିମିଟ୍ କ୍ରେଡିଟ୍ ଲିମିଟର ସବସେଟ୍ ହେବ କିମ୍ବା ଯାହାକୁ ସମୟକୁ ସମୟରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରକାରେ ହୋଇପାରିବ। କାର୍ଡ଼ଧାରୀ ତାଙ୍କର କ୍ରେଡିଟ୍ ସୀମା ଏବଂ /କିମ୍ବା କ୍ୟାସ ଲିମିଟ୍ ଯଦି ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ତାହାର ଏକ ସମୀକ୍ଷା / ବୃଦ୍ଧି/ ହ୍ରାସ ପାଇଁ ଆବେଦନ କରିବାକୁ ଅଧିକାର ପାଇବେ ଓ ଏଥିପାଇଁ ତାଙ୍କ ସଦସ୍ୟତାର 12 ମାସ ସମ୍ପୂର୍ଣ ହେବା ପରେ ସେ ଏହି ସୁବିଧା ପ୍ରାପ୍ତ କରିବେ। ସେ ପ୍ରକାର ସମୀକ୍ଷା ଉପରେ ପରିବର୍ତ୍ତନ ଯଦି କିଛି ଥାଏ ଯାହା କ୍ରେଡିଟ୍ ଲିମିଟ୍ ଏବଂ/ କ୍ୟାସ ଲିମିଟ୍ ଉପରେ ତେବେ ତାହା ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରିତ ହେବ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏହାର ଏକକ ନିଷ୍ପତ୍ତି ଆଧାରରେ ଏହି କ୍ରେଡିଟ୍ ଲିମିଟ୍ ଏବଂ/ କିମ୍ବା କାର୍ଡ଼ରେ ନ୍ୟସ୍ତ ଥିବା କ୍ୟାସ୍ ଲିମିଟକୁ ସମୀକ୍ଷା (ବୃଦ୍ଧି କିମ୍ବା ହ୍ରାସ ସହିତ) କରିବାକୁ ଅଧିକାର ପାଇବେ ଏବଂ କେବଳ ବୃଦ୍ଧି କ୍ଷେତ୍ରରେ ଯଦି ତାହା ହେଉଥାଏ ତେବେ ସେହି କ୍ରେଡିଟ୍ ଲିମିଟ ଏବଂ/ କିମ୍ବା କ୍ୟାସ ଲିମିଟ ପାଇଁ ତାହା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ ହେବା ସହିତ କାର୍ଡ଼ଧାରୀଙ୍କ ସହମତିରେ ହୋଇପାରିବ। କ୍ରେଡିଟ୍ କାର୍ଡ଼ର ଉପଯୋଗୀତା ସମୟକୁ ସମୟରେ ମଞ୍ଜୁର ହୋଇଥିବା ଗ୍ରହଣୀୟ ସୀମା ଅନୁସାରେ କାର୍ଯ୍ୟକାରୀ ହେବ। ଫାଷ୍ଟ ପ୍ରାଇଭେଟ୍ କ୍ରେଡିଟ୍ କାର୍ଡ଼ ସଦସ୍ୟଙ୍କ ପାଇଁ ଅତିରିକ୍ତ କ୍ରେଡିଟ୍ ସୀମା ସମୟକୁ ସମୟରେ କାର୍ଡ଼ଧାରୀଙ୍କ ବ୍ୟାଙ୍କ ନିକଟରେ ବ୍ୟକ୍ତିଗତ ସମ୍ବଳ ଉନ୍ମୋଚିତ, ଅତୀତର ଖର୍ଚ୍ଚ ଏବଂ ପୁନଃପରିଶୋଧ ଇତିହାସ ଆଧାରରେ ବ୍ୟାଙ୍କ ଦ୍ୱାରା ନ୍ୟସ୍ତ କରାଯାଇପାରେ। ଏହା ଏକ ବଫର ଆସାଇନ୍‌ଡ ଆକାରରେ ନିର୍ଦ୍ଧାରିତ କ୍ରେଡିଟ୍ ସୀମା ଠାରୁ ଅଧିକରୁ ଅଧିକ ଭାବରେ କିମ୍ବା ଏପରି ଉପାୟରେ ଯାହାକୁ ବ୍ୟାଙ୍କ ସମୟକୁ ସମୟରେ ବୈଧ ବୋଲି ବିବେଚନା କରିଥାଏ ସେହି ଅନୁସାରେ କାର୍ଯ୍ୟକାରୀ ହେବ।

## 3. ସୁଧ ମୁକ୍ତ ଅବଧି

ସୁଧ ମୁକ୍ତ (ଗ୍ରେସ୍) ଅବଧି 48 ଦିନରୁ ଅଧିକ ହେବ ନାହିଁ ଏବଂ କାରବାର ଓ ଷ୍ଟେଟମେଣ୍ଟ ତାରିଖ ଉପରେ ଏହା ନିର୍ଭର କରିବ। ଦୟାକରି ଧ୍ୟାନ ଦେବା ଆବଶ୍ୟକ ଯେ ସୁଧମୁକ୍ତ ଅବଧି ପ୍ରଯୁଜ୍ୟ ହୋଇ ନଥାଏ ଯଦି ପୂର୍ବ ମାସର ଷ୍ଟେଟମେଣ୍ଟ ବାଲାନ୍ସ ଧାର୍ଯ୍ୟ ତାରିଖ ପୂର୍ବରୁ କିମ୍ବା ସେହି ଦିନ ସମ୍ପୂର୍ଣ ଭାବରେ ପରିଶୋଧ କରାଯାଇନଥାଏ।

ଗ୍ରେସ୍ ଅବଧିର ହିସାବ ପାଇଁ ଉଦାହରଣ :

ଅକ୍ଟୋବର 25, 2020 ଠାରୁ ନଭେମ୍ବର 24, 2020 ପର୍ଯ୍ୟନ୍ତ ଅବଧି ପାଇଁ ଏକ ଷ୍ଟେଟମେଣ୍ଟରେ ପେମେଣ୍ଟ ଧାର୍ଯ୍ୟ ତାରିଖ ହେବ ଡିସେମ୍ବର 12, 2020। ଏହା ଆକଳନ କରାଯାଇପାରେ ଯେ ଆପଣ ପେମେଣ୍ଟ ଧାର୍ଯ୍ୟ ତାରିଖ ଦ୍ୱାରା ପୂର୍ବ ମାସର ଷ୍ଟେଟମେଣ୍ଟର ମୋଟ୍ ବକେୟା ଦେୟ ପଇଠ କରିଛନ୍ତି, ତେବେ ଏ କ୍ଷେତ୍ରରେ ଗ୍ରେସ୍ ଅବଧି ଏହା ହୋଇପାରିବ :

1. ନଭେମ୍ବର 2 ତାରିଖରେ ଏକ କ୍ରୟ ପାଇଁ ସୁଧ ମୁକ୍ତ ଗ୍ରେସ୍ ଅବଧି 2 ନଭେମ୍ବର ଠାରୁ 11 ଡିସେମ୍ବର ଅର୍ଥାତ୍ 40 ଦିନ ହେବ।
2. ଅକ୍ଟୋବର 25 ତାରିଖରେ ଏକ କ୍ରୟ ପାଇଁ ସୁଧ ମୁକ୍ତ ଗ୍ରେସ୍ ଅବଧି 25 ଅକ୍ଟୋବର ଠାରୁ 11 ଡିସେମ୍ବର ଅର୍ଥାତ୍ 48 ଦିନ ହେବ।

## 4. ପେମେଣ୍ଟ ଦେୟ ତାରିଖ (ପିଡିଡି)

ବକେୟା ଦେୟ ପରିଶୋଧ ଇତିହାସ ଉପରେ ନିର୍ଭର କରି ଷ୍ଟେଟମେଣ୍ଟ ତାରିଖ ଠାରୁ 15 ଓ 20 ଦିନ ମଧ୍ୟରେ ପେମେଣ୍ଟ ଦେୟ ତାରିଖ ପରିବର୍ତ୍ତନ ହୋଇପାରେ। ଏହି ଅବଧି ବ୍ୟାଙ୍କର ନିଷ୍ପତ୍ତି ଆଧାରିତ ଏବଂ ଏହାକୁ ପରିବର୍ତ୍ତନ କରାଯାଇପାରେ। ଉଦାହରଣସ୍ୱରୂପ ସୁଧମୁକ୍ତ ଅବଧିରେ ଷ୍ଟେଟମେଣ୍ଟ ଅବଧି ହେଉଛି 25 ଅକ୍ଟୋବର ଠାରୁ 24 ନଭେମ୍ବର  ସହିତ ଧାର୍ଯ୍ୟ ତାରିଖ 12 ଡିସେମ୍ବର। ଏଠାରେ ପେମେଣ୍ଟ ଦେୟ ଅବଧି ହେଉଛି 18 ଦିନ।

## 5. ବିଲିଂ ଓ ଷ୍ଟେଟମେଣ୍ଟ

i. ଷ୍ଟେଟମେଣ୍ଟ : କାର୍ଡ଼ଧାରୀଙ୍କ ଉପରେ ମାସିକ ଆଧାରରେ ବିଲ୍ କରାଯିବ ଏବଂ ତାକୁ ପେମେଣ୍ଟ, ଟ୍ରାନ୍‌ଜାକ୍‌ସନ ଓ ଚାର୍ଜେସ୍ ଯଦି ଥାଏ ସେହି ମାସ ପାଇଁ ମାସିକ ଷ୍ଟେଟମେଣ୍ଟ ଆକାରରେ ପଠାଯିବ। ଏହା ବ୍ୟବସ୍ଥିତ ରହିବ ଯେ ଉକ୍ତ କାର୍ଡ଼ଟି ଟ.100 ରୁ ଅଧିକ କାରବାର ପାଇଁ କଥିତ ଅବଧି ମଧ୍ୟରେ ବ୍ୟବହୃତ ହୋଇଛି। ଷ୍ଟେଟମେଣ୍ଟକୁ ଡାକ /ଇମେଲ୍ /ଏସଏମଏସ୍ / ହ୍ୱାଟ୍‌ସଆପ୍ ଦ୍ୱାରା ପ୍ରେରଣ କରାଯିବ କିମ୍ବା ସମୟକୁ ସମୟରେ ବ୍ୟାଙ୍କ ଦ୍ୱାରା ଅନ୍ୟାନ୍ୟ ସୂଚୀତ ପ୍ରଣାଳୀରେ କାର୍ଡ଼ଧାରୀଙ୍କ ଡାକ ଠିକଣା/ ଇମେଲ୍ ଠିକଣା/ ବ୍ୟାଙ୍କର ରେକର୍ଡ଼ ଅନୁସାରେ ତାଙ୍କର ଫୋନ ନମ୍ବରକୁ ପଠାଇ ଦିଆଯିବ। ଏହି ଏଗ୍ରିମେଣ୍ଟ ଅଧୀନରେ ଏକ ଷ୍ଟେଟମେଣ୍ଟ ପ୍ରାପ୍ତ ନକରିବା ଦ୍ୱାରା କାର୍ଡ଼ଧାରୀଙ୍କ ଦାୟୀତ୍ୱ ଏବଂ ଦାୟବଦ୍ଧତା ଉପରେ ପ୍ରଭାବ ପକାଇବ ନାହିଁ ଏବଂ କାର୍ଡ଼ଧାରୀ ପେମେଣ୍ଟ ଦେୟ ତାରିଖ ମଧ୍ୟରେ କାର୍ଡ଼ ଉପରେ ତାଙ୍କର ବକେୟା ବାଲାନ୍‌ସକୁ ସେଟେଲ୍ କରିବା ପାଇଁ ଦାୟୀ ରହିବେ। ମର୍ଚ୍ଚାଣ୍ଟ ପ୍ରତିଷ୍ଠାନରୁ ପ୍ରାପ୍ତ କରାଯାଇଥିବା ସବୁ ଡେବିଟ୍ ପାଇଁ କାର୍ଡ଼ ଆକାଉଣ୍ଟରୁ ବ୍ୟାଙ୍କ ଡେବିଟ୍ କରିବ ଏବଂ କାର୍ଡ଼ ମେମ୍ବରଙ୍କ ଦ୍ୱାରା ବ୍ୟାଙ୍କକୁ ପ୍ରଦାନ କରାଯାଉଥିବା ସବୁ ପେମେଣ୍ଟ ପାଇଁ କାର୍ଡ଼ ଆକାଉଣ୍ଟରେ ତାହାକୁ କ୍ରେଡିଟ୍ କରିବ ଏବଂ ଆହୁରି ମଧ୍ୟ କାର୍ଡ଼ଧାରୀଙ୍କ ସପକ୍ଷରେ କରାଯାଇଥିବା କୌଣସି ପେମେଣ୍ଟକୁ ମଧ୍ୟ କାର୍ଡ଼ଧାରୀଙ୍କ ଆକାଉଣ୍ଟରେ ଜମା କରିବ।

ii. ପ୍ରଦେୟ ଦେୟ : ମାସିକ ଷ୍ଟେଟମେଣ୍ଟରେ ସର୍ବନିମ୍ନ ପରିମାଣ ଦେୟ (ଏମଏଡି) ଏବଂ ସମୁଦାୟ ଦେୟ ପରିମାଣ (ଟିଏଡି) ପ୍ରତିଫଳିତ ହେବ। ବ୍ୟାଙ୍କ କାର୍ଡ଼ଧାରୀଙ୍କୁ ଏକ ଘୂର୍ଣ୍ଣାୟମାନ କ୍ରେଡିଟ୍ ସୁବିଧା ପ୍ରଦାନ କରିବ ଯେଉଁଠାରେ କାର୍ଡ଼ଧାରୀ ଷ୍ଟେଟମେଣ୍ଟରେ ସୂଚୀତ କରାଯାଇଥିବା ପ୍ରକାରେ କେବଳ ଏମଏଡି ପାଇଁ ପଇଠ କରିବାକୁ ବାଛିଥିବେ। ପେମେଣ୍ଟ ଦେୟ ତାରିଖ ଦ୍ୱାରା ମାସିକ ପେମେଣ୍ଟରେ ଅତି କମରେ ଏମଏଡି ଅନ୍ତର୍ଭୁକ୍ତ ରହିବ। ପୂର୍ବର ଷ୍ଟେଟମେଣ୍ଟରୁ ପଇଠ ହୋଇନଥିବା କୌଣସି ଏମଏଡି ମଧ୍ୟ ଚଳିତ ଏମଏଡି ସହିତ ମିଶ୍ରିତ ହୋଇ ଚଳିତ ଷ୍ଟେଟମେଣ୍ଟରେ ପ୍ରଦେୟ ଏମଏଡିରେ ପହଞ୍ଚିବ। ଏପରିକି ସର୍ବନିମ୍ନ ଦେୟ ପରିମାଣ ପ୍ରଦାନ କରାଯାଇଥିଲେ ସୁଦ୍ଧା ପେମେଣ୍ଟ ଦେୟ ତାରିଖ ଦ୍ୱାରା ସମୁଦାୟ ଦେୟ ପରିମାଣ ଯଦି ପ୍ରଦାନ କରାଯାଇନଥାଏ ତେବେ ଏହା ଉପରେ ସୁଧ ଲାଗୁ ହେବ। କାର୍ଡ଼ଧାରୀ ବିଲିଂ ଅବଧି ମଧ୍ୟରେ ଏକାଧିକ ଥର ପେମେଣ୍ଟ ଦେୟ ତାରିଖ ପୂର୍ବରୁ ସର୍ବନିମ୍ନ ଦେୟ ପରିମାଣ ଠାରୁ ଅଧିକ ପଇଠ କରିପାରିବେ କିମ୍ବା ଧାର୍ଯ୍ୟ ତାରିଖର ଯେକୌଣସି ସମୟରେ ତାଙ୍କ କାର୍ଡ଼ ଆକାଉଣ୍ଟରେ ବକେୟା ଥିବା ଦେୟ ପଇଠ କରିପାରିବେ।

ଏମଏଡି ରେ ସବୁ ପ୍ରକାର କିସ୍ତିର ପରିମାଣ, କ୍ରେଡିଟ୍ ସୀମା ଉପରେ ବ୍ୟବହୃତ ପରିମାଣ (ଯଦି ଥାଏ), ଶୁଳ୍କ, ଦେୟ ଏବଂ ଅବଶିଷ୍ଟ ବଳକା ବକେୟାର 5% ରହିବ। ଯଦି ମୋଟ୍ ବକେୟା ପରିମାଣ (ଟିଏଡି) ଟ.100 ରୁ କମ୍ ହୋଇଥାଏ ତେବେ ଏମଏଡି ଟିଏଡି ସହିତ ସମାନ ହେବ।

କାର୍ଡ଼ଧାରୀ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ପ୍ରତି ମାସରେ କେବଳ ସର୍ବନିମ୍ନ ପେମେଣ୍ଟ ପ୍ରଦାନ କରିବା ଦ୍ୱାରା ତାଙ୍କର ବକେୟା ବାଲାନ୍‌ସ ଉପରେ ପରବର୍ତ୍ତୀ ସୁଧ ପ୍ରଦାନ ସହିତ ବିସ୍ତାରିତ ବର୍ଷ ଗୁଡ଼ିକରେ ପରିଶୋଧର ପରିଣାମ ପ୍ରଭାବ ପଡ଼ିବ।

ଉଦାହରଣ : ଯଦି କାର୍ଡ଼ଧାରୀ ଟ.5000 ଖର୍ଚ୍ଚ କରନ୍ତି ଏବଂ ପ୍ରତି ମାସରେ ସଠିକ ସର୍ବନିମ୍ନ ପରିମାଣ ଦେୟ (ସର୍ବନିମ୍ନ ପେମେଣ୍ଟ ଟ.2100 ଆଧାରରେ) ଫେରସ୍ତ  କରନ୍ତି ତେବେ ଏଥିପାଇଁ 3 ବର୍ଷ ପର୍ଯ୍ୟନ୍ତ ସମୟ ନିଆଯିବ ଏବଂ ସମୁଦାୟ ପରିମାଣ ଫେରସ୍ତ ପାଇଁ 8 ମାସ ସମୟ ଲାଗିବ। ଆମେ ଏଥିପାଇଁ ପରାମର୍ଶ ଦେଉଛୁ ଯେ ଯେତେବେଳେ ଅର୍ଥ ଆଗମ ଅନୁମତି ଥିବ କାର୍ଡ଼ଧାରୀ ତାଙ୍କର ସର୍ବନିମ୍ନ ଦେୟ ପରିମାଣ ଠାରୁ ଅଧିକ ପରିମାଣରେ ପେବ୍ୟାକ୍ କରିବା ଉଚିତ୍। କାର୍ଡ଼ର ବକେୟା ବାବଦକୁ ଏକ ପେମେଣ୍ଟ ଭାବେ ବିବେଚନା କରାଯାଇପାରେ। ଯଦି କାର୍ଡ଼ଧାରୀ କାର୍ଡ଼ର ବକେୟା ଥିବା ପରିମାଣ ତୁଳନାରେ ଏକ ଅଧିକ ପେମେଣ୍ଟ କରିଥାନ୍ତି ତେବେ କ୍ରେଡିଟ୍ ବାଲାନ୍‌ସ ତାଙ୍କର କାର୍ଡ଼ ଆକାଉଣ୍ଟରେ ରହିବ। ଏହି ଅର୍ଥ ପରିମାଣ କାର୍ଡ଼ର ପରବର୍ତ୍ତୀ କାରବାର ବିପକ୍ଷରେ ସମନ୍ୱିତ ହେବ। ଅନ୍ୟ ପକ୍ଷରେ ଏହି ଅତିରିକ୍ତ କ୍ରେଡିଟ୍ ପରିମାଣ ଉପରେ କୌଣସି ସୁଧ ଦାବୀ କରାଯିବ ନାହିଁ। କାର୍ଡ଼ଧାରୀ କରିଥିବା କୌଣସି ପେମେଣ୍ଟ ଯଦି ତାଙ୍କ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ରେ 48 ଘଣ୍ଟା ମଧ୍ୟରେ କ୍ରେଡିଟ୍ ହୋଇନଥାଏ ତେବେ ଏ ସମ୍ପର୍କରେ ଜାଣିବା ପାଇଁ କାର୍ଡ଼ଧାରୀ ବ୍ୟାଙ୍କ ସହିତ ଯୋଗାଯୋଗ କରିବା ଆବଶ୍ୟକ।

## 6. ପେମେଣ୍ଟ

କାର୍ଡ଼ ବିପକ୍ଷରେ ଗ୍ରହଣ କରାଯାଇଥିବା ପେମେଣ୍ଟ ନିମ୍ନଲିଖିତ କ୍ରମରେ ବିଭିନ୍ନ ବର୍ଗ ବିପକ୍ଷରେ ସମନ୍ୱିତ ହେବ।

i. ଶୁଳ୍କ ଓ ଦେୟ ସହିତ ଟିକସ

ii. ଇଏମଆଇ
iii. ସୁଧ ଚାର୍ଜ
iv. ଅର୍ଥ ଅଗ୍ରୀମ
v. କ୍ରୟ
vi. ଅନ୍ୟାନ୍ୟ ଡେବିଟ୍

ପେମେଣ୍ଟ ଆବେଦନ ପାଇଁ ବିଲ୍ ହୋଇଥିବା ବକେୟା ଦେୟ ଅନବିଲ୍ ହୋଇଥିବା ବକେୟା ଦେୟ ଅତିରିକ୍ତ ଗୁରୁତ୍ୱପୂର୍ଣ ରହିବ, ପେମେଣ୍ଟ ଆବେଦନର ଆଦେଶ ସହିତ ଏହା ଉପରୋକ୍ତ ପ୍ରକାରେ ସମାନ ହେବ। ମର୍ଚ୍ଚାଣ୍ଟ ଫେରସ୍ତ /କ୍ୟାସବ୍ୟାକ୍ / କ୍ରେଡିଟ୍ ଦେୟ ଟ୍ରାନ୍‌ଜାକ୍ସନ ଗୁଡ଼ିକ ଇଏମଆଇ/ ଖାରଜ ହୋଇଥିବା ଟ୍ରାନ୍‌ଜାକ୍ସନ /ରିଭର୍ସାଲ୍ / ପ୍ରମୋସନାଲ୍ କ୍ୟାସବ୍ୟାକକୁ ରୂପାନ୍ତରିତ ହୋଇଥାଏ ଓ କାର୍ଡ଼ର ବକେୟା ଦେୟ ବାବଦକୁ ଏକ ପେମେଣ୍ଟ ରୂପେ ବିବେଚନା କରାଯାଇନଥାଏ।

## 7. ପେମେଣ୍ଟ ପଦ୍ଧତି

କାର୍ଡ଼ ଆକାଉଣ୍ଟ ଉଦ୍ଦେଶ୍ୟରେ କରାଯାଉଥିବା ପେମେଣ୍ଟ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ କରାଯାଇପାରେ।

i. ନେଟ୍ ବ୍ୟାଙ୍କିଂ : ଯଦି କାର୍ଡ଼ଧାରୀଙ୍କର ଏକ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ରହିଥାଏ ତେବେ ସେ ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ଲିକେସନ ବ୍ୟବହାର କରି ନେଟ୍ ବ୍ୟାଙ୍କିଂ ଜରିଆରେ ଅନଲାଇନରେ ପେମେଣ୍ଟ କରିପାରିବେ।

ii. ଆଇଏମପିଏସ୍ / ଏନଇଏଫଟି : ଯଦି କାର୍ଡ଼ଧାରୀଙ୍କର ଏକ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଆକାଉଣ୍ଟ ନଥାଏ ତେବେ ସେ ତାଙ୍କର ସଂପୃକ୍ତ ବ୍ୟାଙ୍କ ଆକାଉଣ୍ଟରୁ ଏନଇଏଫଟି କିମ୍ବା ଆଇଏମପିଏସ ପେମେଣ୍ଟ ପଦ୍ଧତିରେ କ୍ରେଡିଟ୍ କାର୍ଡ଼ ବକେୟା ଦେୟ ପଇଠ କରିପାରିବେ।

iii. ଚେକ୍ : ଉପଭୋକ୍ତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଶାଖା ଗୁଡ଼ିକରେ ଉପଲବ୍ଧ ଥିବା ଡ୍ରପ୍ ବକ୍ସରେ ଗୋଟିଏ ଚେକକୁ ପକାଇ ତାଙ୍କର କ୍ରେଡିଟ୍ କାର୍ଡ଼ ବକେୟା ଦେୟ ପ୍ରଦାନ କରିପାରିବେ। ଏହି ଚେକ୍ / ଡିଡି 16 ଅଙ୍କ ବିଶିଷ୍ଟ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ ନମ୍ବର ଅର୍ଥାତ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ XXXXXXXXXXXXXXXX ସପକ୍ଷରେ ଉଠାଣ ଯୋଗ୍ୟ ହୋଇପାରିବ।

iv. ନଗଦ ଅର୍ଥ ପ୍ରଦାନ : କାର୍ଡ଼ଧାରୀ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଶାଖା ଗୁଡ଼ିକରେ ନଗଦ ଅର୍ଥ ପ୍ରଦାନ କରି ତାଙ୍କର କ୍ରେଡିଟ୍ କାର୍ଡ଼ ବକେୟା ଦେୟକୁ ପଇଠ କରିପାରିବେ।

v. ଷ୍ଟାଣ୍ଡିଂ ନିର୍ଦ୍ଦେଶାବଳୀ : କାର୍ଡ଼ଧାରୀ ତାଙ୍କର ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଆକାଉଣ୍ଟରୁ ଟିଏଡି କିମ୍ବା ଏମଏଡି ପାଇଁ ଏକ ଷ୍ଟାଣ୍ଡିଂ ନିର୍ଦ୍ଦେଶାବଳୀ ନିର୍ଦ୍ଧାରଣ କରିପାରିବେ।

vi. ୟୁପିଆଇ କ୍ୟୁଆର : କାର୍ଡ଼ଧାରୀ ଅର୍ଥ ପ୍ରଦାନ ପାଇଁ କ୍ୟୁଆର-କୋଡ୍ ଆଧାରିତ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ ପାଇଁ ଏହାକୁ ସ୍କାନ କରି ପ୍ରଦାନ କରିପାରିବେ।

vii. ୟୁପିଆଇ: କାର୍ଡ଼ଧାରୀ ଯେକୌଣସି ୟୁପିଆଇ -ସକ୍ଷମ ଆପ୍ ଜରିଆରେ ପେମେଣ୍ଟ ପ୍ରଦାନ କରିପାରିବେ।

viii. ପେମେଣ୍ଟ ଗେଟୱେ : କାର୍ଡ଼ଧାରୀ ପେମେଣ୍ଟ ଗେଟ୍‌ୱେ ଫଣ୍ଡ ଟ୍ରାନ୍‌ସଫର ଜରିଆରେ ତାଙ୍କର ପେମେଣ୍ଟ ପ୍ରଦାନ କରିପାରିବେ।

ix. ଉପରୋକ୍ତ ଯେକୌଣସି ପେମେଣ୍ଟ ପ୍ରଣାଳୀକୁ ପ୍ରତ୍ୟାହାର କରାଯାଇପାରେ / ଅନ୍ୟାନ୍ୟ ପେମେଣ୍ଟ ପଦ୍ଧତିକୁ ପ୍ରଚଳନ କରାଯାଇପାରେ ଓ ଏଥିପାଇଁ ବ୍ୟାଙ୍କର ୱେବସାଇଟରେ ପେମେଣ୍ଟ ପଦ୍ଧତି ଅପଡେସନ ଜରିଆରେ ସୂଚନା ଦିଆ ଯାଇଥାଏ।

## 8. ବିଲିଂ ସମ୍ପର୍କିତ ବିବାଦ

ଷ୍ଟେଟମେଣ୍ଟରେ ଥିବା ସମସ୍ତ ବିଷୟ ଗୁଡ଼ିକ ସଠିକ୍ ଓ ଗ୍ରହଣୀୟ ହେବା ଉଚିତ୍ ଯଦି କାର୍ଡ଼ଧାରୀ ଆଇଡିଏଫସି ଫାଷ୍ଟ ବ୍ୟାଙ୍କକୁ ତାଙ୍କର ଷ୍ଟେଟମେଣ୍ଟ ତାରିଖର 30 ଦିନ ମଧ୍ୟରେ କୌଣସି ପାର୍ଥକ୍ୟ ଥିବା ବିଷୟ ସୂଚନା ନଦିଅନ୍ତି ଏବଂ ଲିଖିତ ଆକାରରେ କାରବାର ତାରିଖ ଠାରୁ 60 ଦିନ ମଧ୍ୟରେ ଏହା ହେବା ଆବଶ୍ୟକ। ବିଲିଂ ବିବାଦ/ ପାର୍ଥକ୍ୟ ରହିଥିବା କ୍ଷେତ୍ରରେ ବ୍ୟାଙ୍କ ସେ ପ୍ରକାର କାରବାର ପାଇଁ ଉପଯୁକ୍ତ ଅନୁସନ୍ଧାନ ଓ ସୁନିଶ୍ଚିତ ଦାୟୀତ୍ୱ ପ୍ରଦାନ କରିବ। କିଛି ନିର୍ଦ୍ଦିଷ୍ଟ ବିବାଦ ପାଇଁ ବ୍ୟାଙ୍କ ତାର ନିଷ୍ପତ୍ତି ଆଧାରରେ ଏହି ଅନୁସନ୍ଧାନ ଅବଧି ମଧ୍ୟରେ ଏକ ଅସ୍ଥାୟୀ କ୍ରେଡିଟ୍ ପ୍ରଦାନ କରିପାରେ ଯାହାକୁ ପ୍ରଯୁଜ୍ୟ ଚାର୍ଜ ସହିତ ଫେରସ୍ତ ନେଇପାରେ (ଦେୟ ସୂଚୀରେ ଉଲ୍ଲେଖ ପ୍ରକାରେ) ଯାହା ଅନୁସନ୍ଧାନର ଫଳାଫଳ ଉପରେ ନିର୍ଭର କରାଯାଇଥାଏ। କୌଣସି ବିବାଦୀୟ ପରିସ୍ଥିତି ଉପରେ ଲାଗୁ କରାଯାଇଥିବା ଶୁଳ୍କ ଓ ଦେୟ/ ସୁଧ ଉପରେ ଲାଗୁ ହେଉଥିବା ଜିଏସଟିକୁ ଫେରସ୍ତ କରାଯାଇନଥାଏ।

## 9. ଯୋଗାଯୋଗ ବିବରଣୀ :

କାର୍ଡ଼ଧାରୀ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ସହିତ ସମ୍ପର୍କ କରିପାରିବେ।

i. 24x7 ହେଲ୍‌ପଲାଇନ୍ ନମ୍ବର – 1860 500 1111 ରେ କଲ୍ କରି

ii. ଆମକୁ ମେଲ୍ କରନ୍ତୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
କ୍ରେଡିଟ୍ କାର୍ଡ଼ ଏବଂ ଆଲାଏଡ୍ ସର୍ଭିସେସ୍ ଡିଭିଜନ୍
4ର୍ଥ ମହଲା, ୟୁନିଟ୍ ନଂ. 402, ପ୍ଲଟ୍ ନଂ. ଜେନ୍ /2/1/ଏଫ୍
ମାଇଣ୍ଡସ୍ପେସ୍ ଟାୱାର, ଟିଟିସି ଶିଳ୍ପାଞ୍ଚଳ, ଏମଆଇଡିସି ସିରୱାନେ
ଜୁଇ ନଗର, ନଭି ମୁମ୍ବାଇ, ରାଏଗଡ଼, ମହାରାଷ୍ଟ୍ର, 400706

iii. ଇମେଲ୍ କରନ୍ତୁ : creditcard@idfcfirstbank.com

iv. ଅନୁସନ୍ଧାନ ଜରିଆରେ ସମ୍ପର୍କ କରନ୍ତୁ ଏବଂ ନେଟ୍ ବ୍ୟାଙ୍କିଂ/ ମୋବାଇଲ୍ ଆପ୍ଲିକେସନ ଜରିଆରେ ଆମ ସହିତ ଯୋଗାଯୋଗ କରନ୍ତୁ।

## 10. ଅଭିଯୋଗ ନିବାରଣ :

ଚ୍ୟାନେଲ୍ ମଧ୍ୟରୁ ଗ୍ରହଣ କରିଥିବା ପ୍ରତ୍ୟୁତ୍ତର ସହିତ ଯଦି ଆପଣ ସନ୍ତୁଷ୍ଟ ନହୋଇ ପାରନ୍ତି ତେବେ ଆପଣଙ୍କର ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟ/ ବରିଷ୍ଠ କଷ୍ଟମର କେୟାରଙ୍କୁ ନିମ୍ନଲିଖିତ ମାଧ୍ୟମରେ ସମ୍ପର୍କ କରିପାରିବେ। ଆପଣ ଏକ ଇମେଲକୁ head.customerservice@idfcfirstbank.com ରେ ପଠାଇ ପାରିବେ କିମ୍ବା ବ୍ୟାଙ୍କକୁ 1800 209 9771 (ଟୋଲ୍ ଫ୍ରି) ନମ୍ବରରେ ସମସ୍ତ 7 ଦିନର ସକାଳ 9.30 ଘ. ରୁ ସନ୍ଧ୍ୟା 6.00 ଘ. ମଧ୍ୟରେ କଲ୍ କରିପାରିବେ। ଅନ୍ୟ କୌଣସି ସମାଧାନ ବିଷୟ ପାଇଁ ଆପଣ ଆମର ପ୍ରଧାନ ନୋଡାଲ୍ ଅଧିକାରୀ (ଏମଏସ୍ ଟି ଆରୋରା, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲି., ବିଲ୍ଡିଂ ନଂ 2, ରାହେଜା ମାଇଣ୍ଡସ୍ପେସ, ଏମଆଇଡିସି ଶିଳ୍ପାଞ୍ଚଳ, ସିରାଭାନେ, ଜୁଇ ନଗର, ନେରୁଲ୍, ନଭି ମୁମ୍ବାଇ –400706, ମହାରାଷ୍ଟ୍ର, ଭାରତ, ଲ୍ୟାଣ୍ଡ ମାର୍କ : ରାହେଜା ୟୁନିଭର୍ସାଲ୍ କିମ୍ବା ହୋଣ୍ଡା ସର୍ଭିସ୍ ସେଣ୍ଟରରେ ପହଞ୍ଚି ବିଷୟର ପରୀକ୍ଷା କରିପାରିବେ ଏବଂ ତାଙ୍କ ଠାରୁ ଏକ ପ୍ରମୁଖ ସମାଧାନ ପାଇପାରିବେ। ଆପଣ ମଧ୍ୟ କୌଣସି ବିଷୟର ସମାଧାନ ପାଇଁ PNO@idfcfirstbank.com କୁ ଏକ ଇମେଲ୍ କରିପାରିବେ କିମ୍ବା 1800 209 9771 (ଟୋଲ୍ ଫ୍ରି) ନମ୍ବରରେ ସମସ୍ତ 7 ଦିନର ସକାଳ 9.30 ଘ. ରୁ ସନ୍ଧ୍ୟା 6.00 ଘ. ମଧ୍ୟରେ କଲ୍ କରିପାରିବେ।

ଆପଣଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଉତ୍ତରର 30 ଦିନ ମଧ୍ୟରେ ରହିଥିବା କୌଣସି ସମାଧାନ ପାଇଁ ଦୟାକରି ଆପଣ ନିଜର ସର୍ଭିସ୍ ଅନୁରୋଧ ନମ୍ବରକୁ ସୂଚୀତ କରିବା ଆବଶ୍ୟକ।

କାର୍ଡ଼ଧାରୀଙ୍କ କ୍ଷେତ୍ରରେ ଯଦି ସେମାନେ ଉପରୋକ୍ତ ମାଧ୍ୟମରେ ଜମା କରିଥିବା ତାଙ୍କ ଅଭିଯୋଗ ତାରିଖ ଠାରୁ 1 ମାସ ମଧ୍ୟରେ ଯଦି କୌଣସି ପ୍ରତ୍ୟୁତ୍ତର ପାଇନଥିବେ କିମ୍ବା କାର୍ଡ଼ଧାରୀଙ୍କୁ ପ୍ରଦାନ କରାଯାଇଥିବା ପ୍ରତ୍ୟୁତ୍ତର ସହିତ ଯଦି ସେ ସନ୍ତୋଷତା ପ୍ରକାଶ ନକରନ୍ତି ତେବେ ସେ ଏକ ସ୍ୱାଧୀନ ସମୀକ୍ଷା ପାଇଁ ବ୍ୟାଙ୍କିଂ ଲୋକପାଳକୁ ଲେଖି ଜଣାଇ ପାରିବେ। ଏ ସମ୍ପର୍କରେ ଅଧିକ ବିବରଣୀ ଅଭିଯୋଗ ନିବାରଣ ୱେବପେଜ୍ www.idfcfirstbank.com ରେ ଉପଲବ୍ଧ ରହିଛି। ଆପଣଙ୍କ ଅଞ୍ଚଳ ପାଇଁ ବ୍ୟାଙ୍କିଂ ଲୋକପାଳଙ୍କ ବିବରଣୀ ମଧ୍ୟ ଶାଖା ଗୁଡ଼ିକରେ ପ୍ରଦର୍ଶିତ ହୋଇଛି। କାରବାର ଅସଫଳ/ ଫେଲ୍ ହୋଇଥିବା ପାଇଁ ଅଭିଯୋଗ ନିବାରଣ ବିଳମ୍ବ ପାଇଁ ଏବଂ ହଜିଥିବା କିମ୍ବା ଚୋରି ହୋଇଥିବା କାର୍ଡ଼ର ବ୍ଲକିଂ କରିବା/ ଆକାଉଣ୍ଟ ବନ୍ଦ କରିବାରେ ବିଳମ୍ବ ପାଇଁ ଗ୍ରାହକଙ୍କ କ୍ଷତିପୂରଣ ନୀତି ଓ ଅଭିଯୋଗ ନିବାରଣ ନୀତି ଅନୁସାରେ ପରିଭାଷିତ ହୋଇଥିବା ଏକ କ୍ଷତିପୂରଣ ଫ୍ରେମୱାର୍କକୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରଦର୍ଶିତ ପ୍ରକାରେ ପ୍ରଯୁଜ୍ୟ ହେବ।

## 11. ଲିନର ଅଧିକାର :

i. ବ୍ୟାଙ୍କ ଯେକୌଣସି ସମୟରେ ଏବଂ ବିନା ନୋଟିସରେ କାର୍ଡ଼ ମେମ୍ବରଙ୍କ ଅଧିକାରଭୁକ୍ତ ସବୁ ଅର୍ଥ ଉପରେ ଲିନ୍ ଏବଂ ସେଟ୍ ଅପ୍ କରିବାର ଅଧିକାର ରଖିବ ଏବଂ/ କିମ୍ବା ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କାର୍ଡ଼ଧାରୀ / ଆଡ୍ ଅନ୍ ଷ୍ଟାଣ୍ଡିଂ ସେମାନଙ୍କର କୌଣସି ଆକାଉଣ୍ଟ / ସୁବିଧା / ବ୍ୟାଙ୍କର କଷ୍ଟୋଡିରେ କ୍ରେଡିଟ୍ ହେବ ଯଦି ବ୍ୟାଙ୍କ ଦ୍ୱାରା ତାହା ଉପରେ ଦାବୀ କରାଯାଉଥାଏ କିମ୍ବା କୌଣସି ଆକାଉଣ୍ଟ/ ସୁବିଧା / ବ୍ୟାଙ୍କର କଷ୍ଟୋଡି ବିପକ୍ଷରେ ଆଉଟଷ୍ଟାଣ୍ଡିଂ ବ୍ୟତୀତ କାର୍ଡ଼ ଆକାଉଣ୍ଟ ଉପରେ ରହିଥିବା ବାଲାନ୍ସ ପରିମାଣ କିମ୍ବା ଅନ୍ୟ କୌଣସି କ୍ରେଡିଟ୍ ସୁବିଧା ନିର୍ଦ୍ଧାରିତ ସମୟ ମଧ୍ୟରେ ରିପେଡ୍ କରଯାଇନଥାଏ।

ii. ଯେଉଁ କ୍ଷେତ୍ରରେ ଉପଲବ୍ଧ ରିୱାର୍ଡ଼ ପଏଣ୍ଟ ବାଲାନ୍ସ କାରବାର ପାଇଁ ଆବଶ୍ୟକ କରା ଯାଉଥିବା ପଏଣ୍ଟ ଠାରୁ କମ୍ ହୋଇଥିବ ସେ କ୍ଷେତ୍ରରେ ବିମୋଚନ ସମାଧାନ ସମୟରେ ବ୍ୟାଙ୍କ ଗ୍ରାହକଙ୍କ କାର୍ଡ଼ /ଆକାଉଣ୍ଟରେ ଭିନ୍ନ ଭିନ୍ନ ପରିମାଣକୁ ଡେବିଟ୍ କରିବା ପାଇଁ ଅଧିକାର ବଜାୟ ରଖିବ।

## 12. ଖିଲାପ

ବିଲିଂ ଷ୍ଟେଟମେଣ୍ଟରେ ସୂଚୀତ ହୋଇଥିବା ତାରିଖ ଦ୍ୱାରା ସର୍ବନିମ୍ନ ବକେୟା ପରିମାଣ ପଇଠ କରିବାରେ କାର୍ଡ଼ ମେମ୍ବରଙ୍କ ବିଫଳତା କ୍ଷେତ୍ରରେ ଏହା ବିବେଚନା କରାଯିବ ଯେ ଏହାକୁ ଏକ ଖିଲାପ ବୋଲି ବିବେଚନା କରାଯିବ। ଏଥିପାଇଁ କାର୍ଡ଼ଧାରୀ ବିଳମ୍ବ ପଇଠ ଦେୟ, ଫାଇନାନ୍ସ ଚାର୍ଜ ଏବଂ ଦେୟ ସୂଚୀରେ ପ୍ରଦାନ କରାଯାଇଥିବା ପ୍ରକାରେ ଅନ୍ୟାନ୍ୟ ପ୍ରଯୁଜ୍ୟ ଦେୟ ପ୍ରଦାନ କରିବେ। ଏହା ପରେ ଏହି କାର୍ଡ଼ଟିକୁ କ୍ରେଡିଟ୍ ଇନ୍‌ଫରମେସନ କମ୍ପାନୀ (ସିଆଇସି) ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରକାରେ ମାସିକ ଦାଖଲରେ ଅପରାଧୀ ଭାବରେ ବିବେଚନା କରାଯିବ। ପେମେଣ୍ଟ ଧାର୍ଯ୍ୟ ତାରିଖ ଓ ବିଲିଂ ଷ୍ଟେଟମେଣ୍ଟରେ ସୂଚୀତ ବିଲିଂ ତାରିଖ ମଧ୍ୟରେ ରହିଥିବା ସମୟ ଅବଧିକୁ ଜଣେ ଖିଲାପକାରୀ କାର୍ଡ଼ ମେମ୍ବରଙ୍କ ପାଇଁ ରିପୋର୍ଟିଂ ନିମନ୍ତେ ନୋଟିସ୍ ଅବଧି ବୋଲି ବିବେଚନା କରାଯିବ। କ୍ରେଡିଟ୍ କାର୍ଡ଼ ସୁବିଧାର ପରିଚାଳନା ସର୍ତ୍ତ ଓ ବ୍ୟବସ୍ଥାବଳୀ ଗୁଡ଼ିକ ଆଡ୍ ଅନ୍ କାର୍ଡ଼ ମେମ୍ବରଧାରୀଙ୍କ ପାଇଁ ମଧ୍ୟ ଅନୁରୂପ ଭାବରେ ପ୍ରଯୁଜ୍ୟ ହେବ। କାର୍ଡ଼ଧାରୀଙ୍କ ଖିଲାପ କ୍ଷେତ୍ରରେ ତାଙ୍କର କାର୍ଡ଼ ଆକାଉଣ୍ଟରେ ରହିଥିବା କୌଣସି ବକେୟା ଦେୟ ସମାଧାନ ପାଇଁ ତାଙ୍କୁ ସମୟକୁ ସମୟରେ ଡାକ ଦ୍ୱାରା, ଫାକ୍ସ, ଟେଲିଫୋନ୍, ଇମେଲ୍, ଏସଏମଏସ୍ ମେସେଜ୍ ଦ୍ୱାରା ରିମାଇଣ୍ଡର ପଠା ଯିବ ଏବଂ/ କିମ୍ବା କୌଣସି ତୃତୀୟ ପକ୍ଷ ବ୍ୟକ୍ତିଙ୍କୁ ଏଥିପାଇଁ

ନିୟୋଜିତ କରାଯାଇ ଫଲୋ ଅପ୍ କରାଯିବ ଏବଂ ବକେୟା ଦେୟ ଆଦାୟ କରାଯିବ। ଯଦି ସେପରି କୌଣସି ତୃତୀୟ ପକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଏ ତେବେ ତାହା ଋଣ ଆଦାୟ ଉପରେ ରହିଥିବା ପରିଚାଳନା ନୀତି ଅନୁସାରେ କାର୍ଯ୍ୟକାରୀ ହେବ। ବ୍ୟାଙ୍କର ଗ୍ରାହକ ସହାୟତା ବିଶେଷଜ୍ଞ, ସ୍ୱୀକୃତ ଏଜେନ୍ସିଙ୍କ ଜରିଆରେ ନିୟୋଜିତ ହୋଇଥିଲେ କାର୍ଡ଼ ମେମ୍ବରଙ୍କୁ ସେ ସମ୍ପର୍କ କରି ତାଙ୍କର ବକେୟା ଦେୟ ସମ୍ପର୍କରେ ସ୍ମରଣ କରାଇ ପାରିବେ। ଯଦି ବ୍ୟାଙ୍କ କାର୍ଡ଼ଧାରୀଙ୍କ ସହିତ ସମ୍ପର୍କ ରକ୍ଷା କରିବାରେ ଅସଫଳ ହୁଏ ତେବେ ଏକ ମେସେଜକୁ ତୃତୀୟ ପକ୍ଷ ବ୍ୟକ୍ତି ଯଥା ଜୀବନସାଥୀ/ ପିତାମାତା/ ପରିବାରର ଅନ୍ୟାନ୍ୟ ପ୍ରତ୍ୟକ୍ଷ ବୟସ୍କ ବ୍ୟକ୍ତି /ସମ୍ପର୍କୀୟ / ସେକ୍ରେଟାରି / ଆକାଉଣ୍ଟାଣ୍ଟ/ ସହକର୍ମୀ /କାର୍ଡ଼ ମେମ୍ବରଙ୍କୁ ତାଙ୍କର ବାସ ସ୍ଥାନ/ କାର୍ଯ୍ୟାଳୟ/ ଫୋନରେ ଜାଣିଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବାର୍ତ୍ତା ଜରିଆରେ ଜଣାଇ ଦିଆଯିବ।

ଯଦି କାର୍ଡ଼ଧାରୀ ଏକ ଖିଲାଫ କରିବାରେ ସିଦ୍ଧହସ୍ତ ଥାନ୍ତି ତେବେ ବ୍ୟାଙ୍କ ତାର ଏକକ ନିଷ୍ପତ୍ତି ଆଧାରରେ ଏହା କରିବାକୁ ବାଧ ହେବ :

a. କାର୍ଡ଼ଧାରୀଙ୍କ ପାଇଁ ରହିଥିବା ସମସ୍ତ କ୍ରେଡିଟ୍ କାର୍ଡ଼ ସୁବିଧା ଗୁଡ଼ିକୁ ପ୍ରତ୍ୟାହାର କରିନେବ

b. କାର୍ଡ଼ଧାରୀଙ୍କୁ ତାଙ୍କର କାର୍ଡ଼ ଉପରେ ରହିଥିବା ସମସ୍ତ ବକେୟା ଦେୟକୁ ତୁରନ୍ତ ପଇଠ କରିବାକୁ କହିବ

c. ବ୍ୟାଙ୍କର ଲିନ୍ ଅଧିକାରକୁ କାର୍ଯ୍ୟକାରୀ କରିବ ଏବଂ ବ୍ୟାଙ୍କରେ ଗ୍ରାହକଙ୍କ ନାମରେ ରହିଥିବା କୌଣସି ଅର୍ଥ /ଜମା / ଆକାଉଣ୍ଟ ବିପକ୍ଷରେ ବକେୟା ଦେୟ ଅସୁଲି ପାଇଁ ବ୍ୟବସ୍ଥା କରିବ।

ଏକ ଖିଲାଫ ରିପୋର୍ଟର ପ୍ରତ୍ୟାହାର ପାଇଁ ପ୍ରଣାଳୀ ଏବଂ ଅବଧି ଯାହା ମଧ୍ୟରେ ବକେୟା ଦେୟ ସମାଧାନ ହେବା ପରେ ଖିଲାଫ ରିପୋର୍ଟକୁ ପ୍ରତ୍ୟାହାର କରାଯିବ।

ଜଣେ କାର୍ଡ଼ଧାରୀଙ୍କ ମୃତ୍ୟୁ କିମ୍ବା ସ୍ଥାୟୀ ଭିନ୍ନକ୍ଷମତା କ୍ଷେତ୍ରରେ ବ୍ୟାଙ୍କ ଏହାର ନିୟମ ଓ ଏହାର ନିଷ୍ପତ୍ତିର ସମାନତା ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଧିକାର ବଜାୟ ରଖିଛି ଯେଉଁଥିରେ ସେ କୌଣସି କାର୍ଡ଼ ଆକାଉଣ୍ଟ (ସମୂହ) ର ବକେୟା ସହିତ କୌଣସି ପ୍ରଯୁଜ୍ୟ ବୀମା କଭରରୁ କାର୍ଡ଼ ବକେୟାର ଅସୁଲି ସହିତ କିମ୍ବା କାର୍ଡ଼ଧାରୀଙ୍କର ଉତ୍ତରାଧିକାରୀ /ଏକ୍ଜିକ୍ୟୁଟର / ପ୍ରଶାସନିକଙ୍କ ଠାରୁ ଅସୁଲି ପାଇଁ ବ୍ୟବସ୍ଥା ଗ୍ରହଣ କରିବ।

ବ୍ୟାଙ୍କର ବ୍ୟୁରୋ ରିପୋର୍ଟିଂ ମାସିକ ଆଧାରରେ ରିପୋର୍ଟ କରିବ। ଏକ ନିର୍ଦ୍ଦିଷ୍ଟ ମାସରେ ଜଣେ ଖିଲାଫକାରୀ ଭାବରେ ରିପୋର୍ଟଭୁକ୍ତ ହେବା ପରେ କୌଣସି ବକେୟା ଦେୟ, ସ୍ଥିତିର ଅପଡେଟ୍ ବିବରଣୀକୁ ଅପଡେଟ୍ ସ୍ଥିତି ବହନକାରୀ ବ୍ୟାଙ୍କ ଦ୍ୱାରା ପରବର୍ତ୍ତୀ ରିପୋର୍ଟ ଭିତ୍ତିରେ ଦାଖଲ କରାଯିବ।

## 13. କାର୍ଡ଼ ସଦସ୍ୟତାର ସମାପ୍ତି / ରଦ୍ଦକରଣ/ ଟ୍ରାନ୍ସଫର

i. ଜଣେ କାର୍ଡ଼ଧାରୀଙ୍କ ତାଙ୍କର କାର୍ଡ଼ ସଦସ୍ୟତାକୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କକୁ ଯେକୌଣସି ସମୟରେ ଲିଖିତ ଆକାରରେ ବ୍ୟାଙ୍କର creditcard@idfcfirstbank.com କୁ ଲେଖି କିମ୍ବା 1860 500 1111 ହେଲପ ଲାଇନ୍ ନମ୍ବରରେ କଲ୍ କରି ସମାପ୍ତ କରିପାରିବେ। ଅପବ୍ୟବହାରକୁ ଏଡ଼ାଇବା ପାଇଁ ଏହା ପରାମର୍ଶ ଦିଆଯାଉଛି ଯେ କାର୍ଡ଼ଟିକୁ ଅନେକ ଖଣ୍ଡରେ ବିଭକ୍ତ କରି କାଟି ଦେବା ସହିତ ଏହାର ହଲୋଗ୍ରାମକୁ ନଷ୍ଟ କରିଦେବା, ଇଏମଭି ଚିପ୍ ଓ ମ୍ୟାଗନେଟିକ୍ ଷ୍ଟ୍ରିପକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେବା ଉଚିତ୍। କାର୍ଡ଼ରେ ଥିବା ସମଗ୍ର ବକେୟା ଦେୟ ଓ ଲୋନ୍ / ଇଏମଆଇ ସୁବିଧା ଯାହା ଏହି କାର୍ଡ଼ ସହିତ ସଂଯୁକ୍ତ ରହିଛି (ଯଦି ଉପଲବ୍ଧ ଥାଏ) ତେବେ ତାହା ତୁରନ୍ତ ଦେୟଭୁକ୍ତ ହେବ। କାର୍ଡ଼ର ଏହି ସମାପ୍ତି ସେତେବେଳେ ଯାଇ ପ୍ରଭାବିତ ହେବ ଯେତେବେଳେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ରେ ରହିଥିବା ସମସ୍ତ ବକେୟା ଦେୟ ଗୁଡ଼ିକର ପଇଠ ପ୍ରାପ୍ତ କରିବ ଏବଂ କଥିତ କାର୍ଡ଼ ଆକାଉଣ୍ଟରେ ରହିଥିବା ସମସ୍ତ ବକେୟା ହାସଲ କରିବ। କୌଣସି ବାର୍ଷିକ ଯୋଗଦାନ, ନବୀକରଣ ଫି ବା ଅନ୍ୟ କୌଣସି ଦେୟ ଯାହାକୁ କାର୍ଡ଼ ମେମ୍ବରଙ୍କ ପାଇଁ ବିଲ୍ କରାଯାଇଥିବ ତାହାକୁ ଫେରସ୍ତ କରିଦିଆଯିବ।

ii. ଯଦି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ନୋଟିସ୍ ଅସ୍ୱାଭାବିକ ଏବଂ ଅସାମଞ୍ଜସ୍ୟ ଟ୍ରାନ୍ଜାକ୍ସନ ପଦ୍ଧତିକୁ ଏହି କାର୍ଡ଼ରେ ହେଉଥିବା ଜାଣିବାକୁ ପାଏ ତେବେ ବ୍ୟାଙ୍କ ତାର ରେକର୍ଡ଼ରେ ଉପଲବ୍ଧ ଥିବା ଗ୍ରାହକଙ୍କ ପଞ୍ଜୀକୃତ ଫୋନ ନମ୍ବରରେ ତାଙ୍କ ସହିତ ସମ୍ପର୍କ କରି କାର୍ଡ଼ର କାରବାରଟି ସ୍ୱୀକୃତ କି ନାହିଁ ତାହା ଯାଞ୍ଚ କରିବ। ଗ୍ରାହକଙ୍କ ସହିତ ଉପଯୁକ୍ତ ଯୋଗାଯୋଗ ସ୍ଥାପିତ ନହୋଇ ପାରିବା କ୍ଷେତ୍ରରେ ବ୍ୟାଙ୍କ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ କାର୍ଡ଼ର ବ୍ୟବହାରକୁ ପ୍ରତିବନ୍ଧିତ/ ସମାପ୍ତ କରିପାରେ ଯଦି ବ୍ୟାଙ୍କର ନିକଟରେ ସେପରି କୌଣସି କାରଣ ଦର୍ଶିତ ବିଶ୍ୱାସଗତ ବିଷୟ କାର୍ଡ଼ ମେମ୍ବରଙ୍କ ସ୍ୱାର୍ଥ ଓ ସୁରକ୍ଷା ଦୃଷ୍ଟିକୋଣରୁ ରହିଥାଏ।

iii. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ମଧ୍ୟ ବିନା କୌଣସି ନୋଟିସ୍ ପ୍ରଦାନରେ ଯେକୌଣସି ସମୟରେ କାର୍ଡ଼ର ଉପଯୋଗୀତାକୁ ସମାପ୍ତ କରାଇ ପାରିବ ଯଦି ସେ ଏହା ବିବେଚନା କରିବାର ଆବଶ୍ୟକତା କରେ ଯେ ଉକ୍ତ ବିଷୟଟି କୌଣସି ବ୍ୟବସାୟିକ କିମ୍ବା ସୁରକ୍ଷା ଦୃଷ୍ଟିକୋଣ ପାଇଁ ରହିଛି ଯାହା ମଧ୍ୟରେ ଏସବୁକୁ ଅନ୍ତର୍ଭୁକ୍ତ କରାଯାଇପାରେ କିନ୍ତୁ ପେମେଣ୍ଟର ବିଳମ୍ବ ପାଇଁ ସୀମିତ ନହୋଇ, କ୍ରେଡିଟ୍ କାର୍ଡ଼ ସୀମା ବାହାରେ ବ୍ୟବହାର, ଚେକ୍ ଫେରସ୍ତ, କ୍ରେଡିଟ୍ କାର୍ଡ଼ର ଅନୁପଯୁକ୍ତ ଉପଯୋଗ (ଫରେନ୍ ଏକ୍ସଚେଞ୍ଜ ଟ୍ରେଡିଂ, ବ୍ୟବସାୟିକ ବ୍ୟବହାର ଇତ୍ୟାଦି) ଭ୍ରମାତ୍ମକ କିମ୍ବା ଅନୁପଯୁକ୍ତ ସୂଚନା / କାର୍ଡ଼ ଆବେଦନ ସହିତ ଦିଆ ଯାଇଥିବା ନଥିପତ୍ର କିମ୍ବା ଅନ୍ୟ କୌଣସି ବିଷୟର ଅସତ୍ୟତା, ସୂଚନା ସମ୍ପାଦନରେ ତ୍ରୁଟି କିମ୍ବା ସଂପୃକ୍ତ ନୀତି/ ନିୟାମକ (ପରିଚୟ ନଥିପତ୍ର ସହିତ) ଦ୍ୱାରା ଆବଶ୍ୟକୀୟ ନଥିପତ୍ର ଯାହାକୁ ବ୍ୟାଙ୍କ/ ଆରବିଆଇର ନୋ ୟୁଓର କଷ୍ଟମର (କେୱାଇସି) / ଆଣ୍ଟି ମନି ଲଣ୍ଡରିଂ (ଏଏମଏଲ) / କମ୍ବାଟିଂ ଅଫ ଫାଇନାନ୍ସିଂ ଟେରୋରିଜିମ୍ (ସିଏଫଟି) ଗାଇଡଲାଇନ ଅନୁସାରେ ଆବଶ୍ୟକତା ପ୍ରକାରେ ରହିଥାଏ, ଯଦି କାର୍ଡ଼ ଧାରୀ କୌଣସି ସିଭିଲ୍ ଲିଟିଗେସନ କିମ୍ବା ଫୌଜଦାରୀ ମାମଲା / କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ, କୋର୍ଟ ଅଫ୍ ଲ କିମ୍ବା ପ୍ରଫେସନାଲ୍ ବଡି କିମ୍ବା ଆସୋସିଏସନ୍ କାର୍ଯ୍ୟ ବିଧି ସହିତ ସଂପୃକ୍ତ ରହିଥିବେ।

iv. ଏହା ସୁନିଶ୍ଚିତ କରାଯିବାର ଆବଶ୍ୟକତା ରହିଛି ଯେ ରେଗୁଲାଟୋରି ଗାଇଡଲାଇନ୍, ସର୍ତ୍ତ ଓ ବ୍ୟବସ୍ଥାବଳୀ ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ପ୍ରଯୁଜ୍ୟ ନୀତି ଅନୁସାରେ କ୍ରେଡିଟ୍ କାର୍ଡ଼ ସୁବିଧା ବ୍ୟବହୃତ ହେବ। ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ ବ୍ୟବହାରକାରୀଙ୍କ ଉପରେ ନିୟମିତ ଯାଞ୍ଚ ପରିଚାଳନା କାର୍ଯ୍ୟ କରିବା ପାଇଁ ଅଧିକାର ରଖିବ ଯେଉଁଥିରେ କି ଗୋଟିଏ ଷ୍ଟେଟମେଣ୍ଟ ଚକ୍ରରେ ମଞ୍ଜୁରୀ ହୋଇଥିବା ସୀମା ବାହାରେ କ୍ରେଡିଟ୍

ସୀମାର ଅତ୍ୟଧିକ ଉପଯୋଗୀତା, କିଛି ନିର୍ବାଚିତ ମର୍ଚ୍ଚାଣ୍ଟଙ୍କ ଠାରେ ଅସ୍ୱାଭାବିକ କିମ୍ବା ଅତ୍ୟଧିକ ଉପଯୋଗ, ମର୍ଚ୍ଚାଣ୍ଟଙ୍କ ସହିତ ସମ୍ଭାବ୍ୟ କୋଲୁସନ ଏବଂ/ କିମ୍ବା ଅଣ ବ୍ୟକ୍ତିଗତ / ବ୍ୟବସାୟିକ ସମ୍ବନ୍ଧିତ ଆବଶ୍ୟକତା ଉଦ୍ଦେଶ୍ୟରେ ବ୍ୟବହାର, ବୈଶିଷ୍ଟ୍ୟ/ ଅଫର/ ଅନଡ୍ୟୁ ରିୱାର୍ଡ଼ ପଏଣ୍ଟସ/ କ୍ୟାସବ୍ୟାକ୍/ ଅନ୍ୟାନ୍ୟ ଲାଭଦାୟକ ବିଷୟ ଗଚ୍ଛିତ ଉଦ୍ଦେଶ୍ୟରେ ବ୍ୟାଙ୍କ ନିୟମ ଅନୁସାରେ କାର୍ଯ୍ୟ କରିବା। ବ୍ୟବହାର ପଦ୍ଧତି ଉପରେ ନିର୍ଭର କରି ଯଦି ବ୍ୟାଙ୍କ ଦ୍ୱାରା ଏପରି କୌଣସି ସନ୍ଦେହାସ୍ପଦ ବିଷୟ ଦେଖାଦିଏ ତେବେ ସେ କ୍ଷେତ୍ରରେ ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ ଉପରେ ପ୍ରତିବନ୍ଧିତ କାର୍ଯ୍ୟାନୁଷ୍ଠାନ ଲଗାଇ ପାରେ। ସେ ପ୍ରକାର କାର୍ଯ୍ୟାନୁଷ୍ଠାନ ତୁରନ୍ତ କାର୍ଯ୍ୟକାରୀ ହେବ ଏବଂ ବୈଶିଷ୍ଟ୍ୟ / ଲାଭ ପ୍ରତ୍ୟାହାର ସହିତ ସୀମିତ ହୋଇନଥିବା ବିଷୟକୁ ଅନ୍ତର୍ଭୁକ୍ତ କରି। ଏହା ସହିତ କାର୍ଡ଼ର ସମ୍ପୂର୍ଣ୍ଣ ସମାପ୍ତି ମଧ କରାଯାଇପାରେ। ଯଦି ବ୍ୟାଙ୍କ ଦ୍ୱାରା ସେପରି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ଏହା ସମ୍ବନ୍ଧରେ ବ୍ୟାଙ୍କ ପକ୍ଷରୁ ଏକ ସନ୍ତୋଷଜନକ ପ୍ରମାଣ ରହିବ ଓ ବ୍ୟବହାରକାରୀଙ୍କ ପାଇଁ କ୍ରେଡିଟ୍ କାର୍ଡ଼କୁ ପୁଣିଥରେ ରିଇନଷ୍ଟେଟ୍ କରାଯାଇ ଏହା ସହିତ ବ୍ୟାଙ୍କ ଦ୍ୱାରା ଫିଟ୍ କରାଯାଇଥିବା ବାଧ୍ୟତାମୂଳକ ସୁବିଧା/ ଲାଭ ଗୁଡ଼ିକୁ ସଂଯୋଗ କରାଯିବ। ଏହି ସମ୍ବନ୍ଧରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ସମସ୍ତ ନିଷ୍ପତ୍ତି ଗୁଡ଼ିକ ଚୂଡ଼ାନ୍ତ ହେବ ଏବଂ ତାହାକୁ ଗ୍ରାହକ ମାନିବାକୁ ବାଧ ହେବେ।

v. କାର୍ଡ଼ଧାରୀଙ୍କର ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ କାର୍ଡ଼ଧାରୀଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ କାର୍ଡ଼ଟି ଆପେ ଆପେ ଖାରଜ ହୋଇଯିବ ଓ ଏହା ସହିତ ଆଡ୍ ଅନ୍ କାର୍ଡ଼ ମେମ୍ବର୍ସ ମଧ ସମାପ୍ତ ହୋଇଯିବ। କ୍ରେଡିଟ୍ କାର୍ଡ଼ ଆକାଉଣ୍ଟ ମଧ କୌଣସି ସରକାରୀ / ରେଗୁଲେଟୋରି ବଡିର ନିର୍ଦ୍ଦେଶନାମା ଉପରେ ବାତିଲ୍ ହୋଇଯିବ। କ୍ରେଡିଟ୍ କାର୍ଡ଼ ଆକାଉଣ୍ଟରେ ଥିବା ସମସ୍ତ ବକେୟା ଦେୟ କାର୍ଡ଼ଧାରୀଙ୍କ ମୃତ୍ୟୁ କିମ୍ବା ଅକ୍ଷମତା ହେବା ଉପରେ ତୁରନ୍ତ ପ୍ରଦାନ କରାଯିବ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏହାର ନିଷ୍ପତ୍ତି ଆଧାରରେ ନୀତି ଓ ସମାନତା ଭିତ୍ତିରେ ଉପଲବ୍ଧ ଥିବା ସମସ୍ତ କାର୍ଯ୍ୟାନୁଷ୍ଠାନ ଗୁଡ଼ିକୁ ଗ୍ରହଣ କରିବା ପାଇଁ ଅଧିକାର ବଜାୟ ରଖିବ ଯାହା କାର୍ଡ଼ ଆକାଉଣ୍ଟରେ ଥିବା ସମସ୍ତ ବକେୟା ଦେୟ ଅସୁଲି କରିବା, କୌଣସି ପ୍ରଯୁଜ୍ୟ ବୀମା କଭରରୁ କାର୍ଡ଼ ବକେୟା ଦେୟକୁ ଅସୁଲି କରିବା କିମ୍ବା କାର୍ଡ଼ଧାରୀଙ୍କ ଉତ୍ତରାଧିକାରୀ/ ଏକ୍ଜିକ୍ୟୁଟର/ ପ୍ରଶାସନିକଙ୍କ ଠାରୁ ତାହାକୁ ଆଦାୟ କରିବା।

vi. କାର୍ଡ଼ଧାରୀ (ସମୂହ)ଙ୍କ କ୍ରେଡିଟ୍ କାର୍ଡ଼ 365 ଦିନରୁ ଅଧିକ ସମୟ ପାଇଁ ବ୍ୟବହାର କରାଯିବ ନାହିଁ କିମ୍ବା ବ୍ୟବହାର ହେବ ନାହିଁ, ଏଥିରେ ଥିବା ସମସ୍ତ ଲାଭ ଗୁଡ଼ିକୁ ପ୍ରତ୍ୟାହାର କରାଯାଇପାରେ ଏବଂ କାର୍ଡ଼ଟିକୁ ଏକ 30 ଦିନ ସମୟ ମଧ୍ୟରେ କାର୍ଡ଼ ସଦସ୍ୟତାକୁ ଜାରି ରଖିବା ପାଇଁ ଗ୍ରହଣ କରାଯାଇଥିବା ସହମତି ନଥିଲେ ତାକୁ ବନ୍ଦ କରି ଦିଆଯାଇପାରେ। ସେ ପ୍ରକାର କାର୍ଡ଼ ସଦସ୍ୟ (ସମୂହ) ଙ୍କୁ ସେ ପ୍ରକାର କାର୍ଡ଼ର ପ୍ରତ୍ୟାହାର ପାଇଁ ପୂର୍ବରୁ ନୋଟିସ୍ ଦିଆଯିବ।

vii. କାର୍ଡ଼ର ସମାପ୍ତି/ଖାରଜ/ ରଦ୍ଦକରଣ ପରିସ୍ଥିତି ଅଧୀନରେ କାର୍ଡ଼ରେ ରହିଥିବା ସମଗ୍ର ବକେୟା ଦେୟ ଏବଂ ଲୋନ୍/ ଇଏମଆଇ ସୁବିଦା ଯାହା କ୍ରେଡିଟ୍ କାର୍ଡ଼ ସହିତ ସଂଯୁକ୍ତ ହୋଇଥିବ ତାହା ତୁରନ୍ତ ଦେୟଭୁକ୍ତ ହେବ। ବକେୟା ଦେୟ ସହିତ ସମସ୍ତ ଆଇଡିଏଫସି ଫାଷ୍ଟ ବ୍ୟାଙ୍କକୁ ରହିଥିବା ଦେୟ ପରିମାଣ ଏହାର ଚୁକ୍ତି ଅଧୀନରେ ଏଥିସହିତ ସବୁ ପ୍ରକାର କାରବାର ଓ ଅନ୍ୟାନ୍ୟ ପରିମାଣ ଯାହାକୁ ସେହି ଆକାଉଣ୍ଟ ପାଇଁ ଚାର୍ଜ କରାଯାଇ ନାହିଁ ତାହା ପ୍ରଦାନ କରିବାକୁ ହେବ। କାର୍ଡ଼ ସଦସ୍ୟ ମାସିକ ଷ୍ଟେଟମେଣ୍ଟ ପ୍ରାପ୍ତ ଜାରି ରଖିପାରିବେ ଯେଉଁଥିରେ ତାଙ୍କର ବାସ୍ତବିକ ବକେୟା ଦେୟ ବିବରଣୀ ରହିଥିବ ଏପରିକି କାର୍ଡ଼ ଆକାଉଣ୍ଟ ସମାପ୍ତ ପରେ ସୁଦ୍ଧା।

viii. କର୍ମଚାରୀ କ୍ରେଡିଟ୍ କାର୍ଡ଼ର ଜାରି/ ସମାପ୍ତି ବିଷୟଟି କର୍ମଚାରୀ କ୍ରେଡିଟ୍ କାର୍ଡ଼ ବୈଶିଷ୍ଟ୍ୟ ଦ୍ୱାରା ପରିଚାଳିତ ହେବ ଓ ବ୍ୟାଙ୍କର ଇଣ୍ଟରନାଲ୍ ପୋର୍ଟାଲରେ ଏ ବିଷୟରେ ସୂଚନା ଦିଆଯିବ।

## 14. ହଜିଯିବା/ ଚୋରି ହେବା/ କାର୍ଡ଼ର ଅସତ୍ ଉପଯୋଗ

i. ଯଦି କାର୍ଡ଼ଟି ହଜିଯାଏ, ଚୋରି ହୋଇଯାଏ, ମିସପ୍ଲେସ୍ ହୋଇଥାଏ, ନଷ୍ଟ ହୋଇଥାଏ, ଦେୟ ସମୟରେ ଗ୍ରହଣ ହୋଇ ନଥାଏ ଯଦି କାର୍ଡ଼ ସଦସ୍ୟଙ୍କୁ ଏହା ସନ୍ଦେହ କରାଯାଏ ଯେ କ୍ରେଡିଟ୍ କାର୍ଡ଼ଟି ତାଙ୍କ ବିନା ଅନୁମୋଦନରେ ବ୍ୟବହାର କରାଯାଇଛି କିମ୍ବା କେହି ବ୍ୟକ୍ତି ତାଙ୍କର ପିଆଇଏନ୍ ନମ୍ବରକୁ ଜାଣିଛନ୍ତି କିମ୍ବା କାର୍ଡ଼ ସଦସ୍ୟଙ୍କ ଅନ୍ୟାନ୍ୟ ସିକ୍ୟୁରିଟି ସୂଚନାକୁ ଜାଣି ସାରିଛନ୍ତି ତେବେ ଏ ବିଷୟରେ ତୁରନ୍ତ ଆଇଡିଏଫସି ଫାଷ୍ଟ ବ୍ୟାଙ୍କକୁ 24 ଘଣ୍ଟିଆ ନମ୍ବର 1860 500 1111 ରେ କଲ୍ କରି ସୂଚନା ଦେବା ଆବଶ୍ୟକ। କାର୍ଡ଼ ସଦସ୍ୟଙ୍କୁ ଏହା ପରାମର୍ଶ ଦିଆଯାଉଛି ଯେ ସେ ପୋଲିସ୍ ଷ୍ଟେସନରେ ଏକ ଏଫଆଇଆର ଦରଜ କରି ବ୍ୟାଙ୍କ ଦ୍ୱାରା ଅନୁରୋଧ କରାଯାଉଥିବା ପ୍ରକାରେ ଏହାର ଗୋଟିଏ କପିକୁ ସେଠାରେ ଦାଖଲ କରିପାରିବେ।

ରିପୋର୍ଟ କରିବାରେ କୌଣସି ବିଳମ୍ବ କ୍ଷେତ୍ରରେ ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ଥିବା ଗ୍ରାହକଙ୍କ କ୍ଷତିପୂରଣ ନୀତିରେ ରହିଥିବା ପ୍ରକାରେ ଦାୟବଦ୍ଧତା ବିଷୟକୁ ବିବେଚନା କରାଯିବ।

ii. କାର୍ଡ଼ ଚୋରି ହୋଇଯିବା ରିପୋର୍ଟ କରିବା ସମୟ ପୂର୍ବରୁ କାର୍ଡ଼ ଆକାଉଣ୍ଟରେ ହୋଇଥିବା କୌଣସି ସଞ୍ଚାଳନ ପାଇଁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦାୟୀ ରହିବ ନାହିଁ କିମ୍ବା ଦାୟୀତ୍ୱ ନେବ ନାହିଁ ଏବଂ କାର୍ଡ଼ ସଦସ୍ୟ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ। ଥରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଚୋରି ହୋଇଥିବା ସମ୍ପର୍କରେ ଉପଯୁକ୍ତ ସୂଚନା ପାଇବା ପରେ କାର୍ଡ଼ ଆକାଉଣ୍ଟରେ ଭବିଷ୍ୟତରେ ହୋଇଥିବା କୌଣସି ସଞ୍ଚାଳନ ପାଇଁ କାର୍ଡ଼ ସଦସ୍ୟ ଦାୟୀ ରହିବେ ନାହିଁ।

iii. କାର୍ଡ଼ ଚୋରି ହୋଇଯିବା ଓ କୌଣସି ବ୍ୟକ୍ତି ଉକ୍ତ କାର୍ଡ଼ର ପିନକୁ ପ୍ରାପ୍ତ କରି ଅସତ୍ ଉପଯୋଗ କରିବା ନିମନ୍ତେ କାର୍ଡ଼ ସଦସ୍ୟ ସମ୍ପୂର୍ଣ୍ଣ ରୂପେ ଦାୟଭୁକ୍ତ ରହିବେ କିମ୍ବା କାର୍ଡ଼ ସଦସ୍ୟଙ୍କ ସହମତିରେ କାର୍ଡ଼ର ବ୍ୟବହାର ହୋଇଥିଲେ କିମ୍ବା ଆଡ୍ ଅନ୍ କାର୍ଡ଼ ମେମ୍ବର ତାହାକୁ ବ୍ୟବହାର କରୁଥିଲେ ଏଥିପାଇଁ ସେ ଦାୟୀ ରହିବେ। ଯଦି କାର୍ଡ଼ସଦସ୍ୟ କୌଣସି ଜାଲିଆତିମୂଳକ କାର୍ଯ୍ୟ କରନ୍ତି ତେବେ କାର୍ଡ଼ ସଦସ୍ୟ ଚୋରି ହୋଇଥିବା ସବୁ ବିଷୟ ପାଇଁ ଦାୟୀ ରହିବେ। ଯଦି କାର୍ଡ଼ ସଦସ୍ୟ ତାଙ୍କ କାର୍ଡ଼ ଉପରେ ଉପଯୁକ୍ତ ଯତ୍ନ ନେବାରେ ଅବହେଳା କରନ୍ତି ତେବେ କାର୍ଡ଼ ସଦସ୍ୟଙ୍କ ଦାୟୀତ୍ୱ ମଧ ସବୁ ପ୍ରକାର କ୍ଷତିକୁ ବହନ କରିବା ଉଚିତ୍।

iv. ମର୍ଚ୍ଚାଣ୍ଟ / ସଦସ୍ୟ ବ୍ୟାଙ୍କ ଦ୍ୱାରା ଦାବୀ କରାଯାଉଥିବା କୌଣସି ପରିମାଣ କ୍ଷେତ୍ରରେ ଯାହା ଦେୟଭୁକ୍ତ ହୋଇଥିବ ଏବଂ ଗ୍ରାହକଙ୍କ ଦ୍ୱାରା ଦେବାକୁ ଥିବ ଯାହା ବିବାଦଭୁକ୍ତ ଥିବ କିମ୍ବା ନଥିବ, କାର୍ଡ଼ ସଦସ୍ୟ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ପ୍ରକାରେ ବିଲିଂ ଚକ୍ର ଅନୁସାରେ ବ୍ୟାଙ୍କକୁ ସେ ପ୍ରକାର ପଇଠ କରିବାକୁ ବାଧ ହେବେ। ଏହା ଅତିରିକ୍ତ ଯେଉଁଠାରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ପେମେଣ୍ଟ କରିଥିବ ସେ କ୍ଷେତ୍ରରେ ବ୍ୟାଙ୍କ କଥିତ ପରିମାଣକୁ ଗ୍ରାହକଙ୍କ ଠାରୁ ଅସୁଲ କରିବ। ପୁନଶ୍ଚ  ଯେଉଁ ଠାରେ ପରିମାଣଟି ବିବାଦଭୁକ୍ତ ରହିଥିବ ଗ୍ରାହକ ସେଥିପାଇଁ ପେମେଣ୍ଟ ପ୍ରଦାନ କରିବା ଆବଶ୍ୟକ ଯାହା ବିଲିଂ ଚକ୍ର ଅନୁସାରେ ଏବଂ ବିବାଦର ପରିଣାମ/ ନିଷ୍ପତ୍ତିକୁ ଅପେକ୍ଷା କରିବା ଉଚିତ୍ ନୁହେଁ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ର କଥିତ ଅଧିକାର ବଳରେ ସେ ଗ୍ରାହକଙ୍କ ଠାରୁ ଏହା ଅସୁଲ କରିବ ଏବଂ ଗ୍ରାହକଙ୍କ ଏହା ଦାୟୀତ୍ୱ ରହିବ ଯେ ତାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପେମେଣ୍ଟ ବୈଧ ଓ ଘଟଣା ନିର୍ବିଶେଷରେ ତାହାର ଉପଯୁକ୍ତତା ରହିଛି ଓ ଗ୍ରାହକଙ୍କ ସହିତ ବିଦ୍ୟମାନ ସମ୍ପର୍କ ବ୍ୟାଙ୍କ ଦ୍ୱାରା ବନ୍ଦ ହୋଇଯିବ ଏବଂ/ କିମ୍ବା କାର୍ଡ଼ଟିକୁ ବାତିଲ୍ କରି ଦିଆଯିବ / କୌଣସି କାରଣ ନଦର୍ଶାଇ ସମାପ୍ତ କରିଦିଆଯିବ।

v. ପିନ୍ (ପର୍ସୋନାଲ୍ ଆଇଡେଣ୍ଟିଫିକେସନ ନମ୍ବର) ଯାହାକୁ କ୍ରେଡିଟ କାର୍ଡ଼ର ବ୍ୟବହାର ପାଇଁ କାର୍ଡ଼ ସଦସ୍ୟଙ୍କୁ ଜାରି କରାଯାଇଥାଏ କିମ୍ବା ଏକ ପିନ୍ ଭାବରେ କାର୍ଡ଼ ସଦସ୍ୟଙ୍କ ଦ୍ୱାରା ବଛା ଯାଇଥିବା ଏକ ସଂଖ୍ୟା ଯାହାକୁ କେବଳ କାର୍ଡ଼ ସଦସ୍ୟ ଜାଣି ଥାନ୍ତି। ଏହାକୁ କେବଳ କାର୍ଡ଼ ସଦସ୍ୟଙ୍କ ଦ୍ୱାରା ବ୍ୟକ୍ତିଗତ ବ୍ୟବହାର ପାଇଁ ପ୍ରୟୋଗ କରାଯାଏ ଓ ଏହା ଅଣହସ୍ତାନ୍ତରଣୀୟ ଏବଂ କଠୋର ଭାବରେ ଗୋପନୀୟ ଅଟେ। ପିନର ଏକ ଲିଖିତ ରେକର୍ଡ଼କୁ ଯେକୌଣସି ସ୍ଥାନରେ ଲେଖି ରଖିବା କିମ୍ବା କୌଣସି ଉପାୟରେ ସୁବିଧାଜନକ ସ୍ଥିତିରେ ରଖିବା ଉଚିତ୍ ନୁହେଁ ଯାହାକୁ ଅନ୍ୟ କୌଣସି ତୃତୀୟ ପକ୍ଷ ବ୍ୟକ୍ତି ସହଜରେ ବ୍ୟବହାର କରିପାରିବେ। ଅନ୍ୟ କୌଣସି ତୃତୀୟ ପକ୍ଷ ବ୍ୟକ୍ତିଙ୍କ ଆଗରେ ପିନକୁ ଉନ୍ମୋଚନ କରିବା ଉଚିତ୍ ନୁହେଁ। ଏପରିକି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କର୍ମଚାରୀ କିମ୍ବା ମର୍ଚ୍ଚାଣ୍ଟ ପ୍ରତିଷ୍ଠାନ ଯେକୌଣସି ପରିସ୍ଥିତିରେ ହେଉ ନା କାହିଁକି ବା ଯେକୌଣସି ଉପାୟରେ ସ୍ୱେଚ୍ଛାଧୀନ ବା ଅନ୍ୟ କୌଣସି ଭାବରେ ହେଉ ନା କାହିଁକି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏବଂ / କିମ୍ବା ଏହାର କର୍ମଚାରୀ / ଷ୍ଟାଫ୍ କାର୍ଡ଼ ସଦସ୍ୟଙ୍କ ଦ୍ୱାରା ପିନ୍ ସହିତ କୌଣସି ସାଲିସ୍ କରିବା ପାଇଁ ଦାୟବଦ୍ଧ କିମ୍ବା ଦାୟଭୁକ୍ତ ନୁହନ୍ତି।

vi. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ ସଦସ୍ୟଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ ଏହି କ୍ରମରେ କ୍ରେଡିଟ୍ କାର୍ଡ଼ ଉପରେ କୌଣସି ସନ୍ଦେହାସ୍ପଦ ସାଲିସ କାରବାର କ୍ଷେତ୍ରରେ ତାହାକୁ ବ୍ଲକ୍ କରିବା ପାଇଁ ଅଧିକାର ବଜାୟ ରଖିଛି ଏବଂ ଯେପରି ଏହି କାର୍ଡ଼ ଆକାଉଣ୍ଟରେ ଅନ୍ୟ କୌଣସି ଉପାୟରେ ଏହାର ଅସଦ୍ ଉପଯୋଗ ନହୁଏ ତାହାକୁ ଏଡ଼ାଇବା ପାଇଁ ସେ କାର୍ଡ଼କୁ ବନ୍ଦ କରିପାରିବେ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ ସଦସ୍ୟ କିମ୍ବା କୌଣସି ଆଡ୍ ଅନ୍ କାର୍ଡ଼ ସଦସ୍ୟଙ୍କୁ ବିନା ସୂଚନାରେ ବା ନଜଣାଇ ଗୋଟିଏ କାର୍ଡ଼ର ଚୋରି, କ୍ଷତି କିମ୍ବା ଅପବ୍ୟବହାର କିମ୍ବା ପିନର ଅପବ୍ୟବହାର ସମ୍ବନ୍ଧରେ ସଂପୃକ୍ତ ବିବେଚନା ଆଧାରରେ ପୋଲିସ୍ କିମ୍ବା ଅନ୍ୟ କୌଣସି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରେ।

vii. ଥରେ କାର୍ଡ଼ ହଜିଯିବା ରିପୋର୍ଟ କରାଗଲେ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଡ଼ ସଦସ୍ୟଙ୍କ ଦ୍ୱାରା ଏହା ମିଳିଥିଲେ ତାହାକୁ କୌଣସି ଭାବରେ ବ୍ୟବହାର କରାଯାଇ ପାରିବ ନାହିଁ। ଯଦି କାର୍ଡ଼ଟି ମିଳେ ତେବେ ତାହାକୁ ବିଭିନ୍ନ ଖଣ୍ଡରେ କାଟି ନଷ୍ଟ କରିଦେବା ସହିତ ଏଥିରେ ଥିବା ହଲୋଗ୍ରାମ ଇଏମଭି ଚିପ୍ ଏବଂ ମାଗନେଟିକ୍ ଷ୍ଟ୍ରିପକୁ ସ୍ଥାୟୀ ଭାବରେ ନଷ୍ଟ କରିଦେବା ଆବଶ୍ୟକ। ଯେହେତୁ ଆଡ୍ ଅନ୍ କାର୍ଡ଼ରେ ପ୍ରାଥମିକ କାର୍ଡ଼ ଆକାଉଣ୍ଟ ଉପରେ ଅଧିକ ସୁବିଧା ଦିଆଯାଇଥାଏ ତେଣୁ ଆଡ୍ ଅନ୍ କାର୍ଡ଼ ଟି ଅବୈଧ ହୋଇଯିବ ଯେତେବେଳେ ପ୍ରାଇମେରି କାର୍ଡ଼ ହଜି ଯାଇଥିବା ସମ୍ପର୍କରେ ରିପୋର୍ଟ କରାଯିବ। ଅନୁରୂପ ଭାବରେ ଆଡ୍ ଅନ୍ କାର୍ଡ଼ ହଜି ଯାଇଥିବା ରିପୋର୍ଟ ହେଲେ ପ୍ରାଇମେରି କାର୍ଡ଼ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ଆଡ୍ ଅନ୍ କାର୍ଡ଼ ଅବୈଧ ହୋଇଯିବ।

## 15. ଉନ୍ମୋଚନ

i. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଆରବିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ କ୍ରେଡିଟ୍ ଇନ୍‌ଫରମେସନ କମ୍ପାନିଜ୍ (ସିଆଇସି ସମୂହ) ସହିତ ଟାଏ ଅପ୍ ହୋଇ ରହିଛି ଏବଂ ଏହା କ୍ରେଡିଟ୍ ସୂଚନା ଆଦାନ ପ୍ରଦାନ କରିଥାଏ କିନ୍ତୁ ଏଥି ସହିତ ସୀମିତ ହୋଇ ନଥିବା କରେଣ୍ଟ ବାଲାନ୍ସ, ଲୋନ୍/ ଇଏମଆଇ ସୁବିଧା ସଂଯୁକ୍ତ କ୍ରେଡିଟ୍ କାର୍ଡ଼ ପାଇଁ (ଯଦି ଉପଲବ୍ଧ ଥାଏ) କ୍ରେଡିଟ୍ କାର୍ଡ଼ / ଋଣ ଉପରେ ବଳକା ବକେୟା, ପେମେଣ୍ଟ ଇତିହାସ ଇତ୍ୟାଦି ସହିତ ମାସିକ ଆଧାରରେ ଏହି ସଂସ୍ଥା ସହିତ ଡେମୋଗ୍ରାଫିକ୍ ବିବରଣୀ କ୍ରେଡିଟ୍ ଇନ୍‌ଫରମେସନ କମ୍ପାନିଜ୍ (ରେଗୁଲେସନ) ଅଧିନିୟମ 2005 ଅନୁସାରେ ରହିଥାଏ। ସିଆଇସି କେବଳ ତଥ୍ୟଗତ କ୍ରେଡିଟ୍ ସୂଚନା ପ୍ରଦାନ କରେ ଏବଂ କୌଣସି ମତାମତ, ସୂଚନା  କିମ୍ବା କ୍ରେଡିଟ୍ ମଞ୍ଜୁର କରାଯିବ କିମ୍ବା କରାଯିବ ନାହିଁ ସେ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିନଥାଏ। କାର୍ଡ଼ ସଦସ୍ୟଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଯଥା ସମୟରେ ତାଙ୍କ ଉପରେ ରହିଥିବା ସମସ୍ତ ବକେୟା ଦେୟ ଗୁଡ଼ିକ ପ୍ରଦାନ କରି ତାଙ୍କର ଉତ୍ତମ କ୍ରେଡିଟ୍ ଇତିହାସ ସୃଷ୍ଟି କରିବା ଆବଶ୍ୟକ। ଖିଲାଫର ବିବରଣୀ ମଧ୍ୟ ସିଆଇସି ରେ ଉପଲବ୍ଧ ହେବ ଯାହା କାର୍ଡ଼ ସଦସ୍ୟଙ୍କ କ୍ରେଡିଟ୍ କ୍ଷମତା ଉପରେ ପ୍ରଭାବ ପକାଇବ।

ii. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଖିଲାଫକାରୀ ଗ୍ରାହକଙ୍କ ସମ୍ବନ୍ଧିତ ସୂଚନାକୁ ସିଆଇସିଙ୍କୁ ରିପୋର୍ଟ କରିବା ପାଇଁ ଅଧିକାର ରଖିଛି ଏପରିକି କାର୍ଡ଼ ସଦସ୍ୟଙ୍କ ଦ୍ୱାରା ଉତ୍ଥାପିତ ଏକ ବିଲିଂ ବିବାଦ କ୍ଷେତ୍ରରେ ଯେଉଁଥିରେକି ବ୍ୟାଙ୍କ ପୂର୍ବରୁ ଏକ ଅବୈଧ ବିବାଦ ରୂପେ ତାହାକୁ ସ୍ପଷ୍ଟ କରିଥିଲା କିମ୍ବା ଧାର୍ଯ୍ୟ ତାରିଖ ପରେ କାର୍ଡ଼ ସଦସ୍ୟଙ୍କ ଦ୍ୱାରା ଉତ୍ଥାପିତ ହୋଇଥିବା କୌଣସି ଏକ ବିବାଦ ଯାହା ବ୍ୟାଙ୍କ ଦ୍ୱାରା ପରିଭାଷିତ ପ୍ରକାରେ ଏବଂ/ କିମ୍ବା ସିକିଓରଡ୍ ଟ୍ରାନ୍‌ଜାକ୍‌ସନ ସମ୍ବନ୍ଧିତ ବିବାଦ ଯେଉଁଠାରେ  ପିନ୍ କିମ୍ବା ଏକ ଓ୍ୱାନ ଟାଇମ୍ ପାସଓ୍ୱାର୍ଡ଼ କୁ ବ୍ୟବହାର କରାଯାଇଥିବା।

iii. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ତାର ଆବଶ୍ୟତା ଅନୁସାରେ ବୈଧାନିକ କର୍ତ୍ତୃପକ୍ଷଙ୍କୁ କାର୍ଡ଼ ଆକାଉଣ୍ଟର ବିବରଣୀ ସମୂହ ପ୍ରଦାନ କରିପାରିବେ ଯଦି କାର୍ଡ଼ ସଦସ୍ୟ ଏକ କୋବ୍ରାଣ୍ଡ କାର୍ଡ଼ ଉପଲବ୍ଧ କରିଥିବେ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଓ ଏହା ପାର୍ଟନରଙ୍କ ଦ୍ୱାରା ଅଫର କରାଯାଇଥିବ ସେ କ୍ଷେତ୍ରରେ ଆବଶ୍ୟକୀୟ ସୂଚନା ସହିତ କିନ୍ତୁ ସୀମିତ ନହୋଇ ଉକ୍ତ ରିଓ୍ୱାର୍ଡ଼ ପ୍ରୋଗ୍ରାମ, ପୋର୍ଟଫୋଲିଓ ପରିସଂଖ୍ୟାନ ବିଶ୍ଳେଷଣ ଇତ୍ୟାଦିର ନିର୍ବାହ ପାଇଁ ଆବଶ୍ୟକତା ଅନୁସାରେ କୋବ୍ରାଣ୍ଡ ପାର୍ଟନରଙ୍କୁ ତାହା ପ୍ରଦା କରିପାରିବ।

iv. ଆମେ ମଧ୍ଯ କାର୍ଡ଼ ସଦସ୍ୟଙ୍କୁ ଏହା ସୂଚୀତ କରିବାକୁ ଚାହୁଁଛୁ ଯେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏହାର ସ୍ୱତନ୍ତ୍ର ନିଷ୍ପତ୍ତି ଅନୁସାରେ କାର୍ଡ଼ ସଦସ୍ୟ ଓ ବ୍ୟାଙ୍କର ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ନିର୍ଦ୍ଦିଷ୍ଟ ବାର୍ତ୍ତାଳାପକୁ ରେକର୍ଡ଼ କରିପାରିବ ଯଦି ସେହି ବାର୍ତ୍ତାଳାପଟି ଅଭିଯୋଗ ସମ୍ବନ୍ଧିତ ହୋଇଥିବ କିମ୍ବା ପେମେଣ୍ଟ ରେକଭରି ସମ୍ବନ୍ଧିତ ବାର୍ତ୍ତାଳାପ କିମ୍ବା ଅନ୍ୟ କୌଣସି ବାର୍ତ୍ତାଳାପ ଯାହାକୁ ବ୍ୟାଙ୍କ ରେକର୍ଡ଼ କରିବା ଆବଶ୍ୟକତା ବୋଲି ମନେ କରିପାରେ।

v. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ମଧ୍ୟ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଦ୍ୱାରା ନିଯୁକ୍ତ କୌଣସି ସେବା ପ୍ରଦାତାଙ୍କୁ କ୍ରେଡିଟ୍ କାର୍ଡ଼ ପରିଚାଳନା ପାଇଁ କୌଣସି କାର୍ଯ୍ୟକ୍ରମ ସମ୍ବନ୍ଧିତ ଦାୟୀତ୍ୱ ନ୍ୟସ୍ତ କରିବ ଯେଉଁ ସଂସ୍ଥା ଭାରତରେ କିମ୍ବା ଭାରତ ବାହାରେ ଅବସ୍ଥାପିତ ଥିବେ ଏବଂ ଯେତେବେଳେକି ଏକ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଗ୍ରୁପ୍ ସଂସ୍ଥା କିମ୍ବା ଏକ ତୃତୀୟ ପକ୍ଷ ଏହାଙ୍କର ଏକକ ନିଷ୍ପତ୍ତିରେ ପ୍ରଯୁଜ୍ୟ ନିୟାମକ ବ୍ୟବସ୍ଥା ଅନୁସାରେ ପରିଚାଳିତ ହେବେ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ କାର୍ଡ଼ ସଦସ୍ୟ/ ଆଡ୍ ଅନ କାର୍ଡ଼ ସଦସ୍ୟ ଆକାଉଣ୍ଟ / ଆବେଦନର ବିବରଣୀକୁ ପ୍ରଦାନ / ଆଦାନ ପ୍ରଦାନ ବ୍ୟବସ୍ଥା ସେ ପ୍ରକାର ସେବା ପ୍ରଦାତାଙ୍କୁ କରିପାରିବ ଯେଉଁମାନେ କୌଣସି ନିର୍ଦ୍ଦିଷ୍ଟ ସହମତି ବିନା କ୍ରେଡିଟ୍ କାର୍ଡ଼ ପରିଚାଳନା ପାଇଁ କାର୍ଯ୍ୟ କରୁଥିବେ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ/ ଗ୍ରୁପ୍ କମ୍ପାନୀ ଏଥିରେ ପ୍ରଦାନ କରାଯାଇଥିବା ଆବେଦନ ଫର୍ମ ଓ ନଥିପତ୍ର ଗୁଡ଼ିକୁ ରଖିବା ପାଇଁ ଅଧିକାର ବଜାୟ ରଖିଛି। ଏଥି ସହିତ ଫଟୋଗ୍ରାଫ୍ ଓ ଏହାକୁ ଫେରସ୍ତ କରିବ ନାହିଁ।

vi. ସମୟକୁ ସମୟରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ବିଭିନ୍ନ ଉତ୍ପାଦ / ବୈଶିଷ୍ଟ୍ୟ/ ପ୍ରମୋସନାଲ୍ ଅଫର ଗୁଡ଼ିକୁ ସୂଚୀତ କରିଥାଏ ଯେଉଁଥିରେ ରହିଥାଏ କାର୍ଡ଼ ସଦସ୍ୟଙ୍କ ପାଇଁ ଉଲ୍ଲେଖନୀୟ ଲାଭ ଅଫର ଏବଂ ତାହାକୁ ତୃତୀୟ ପକ୍ଷ ଏଜେନ୍ସିଙ୍କ ଦ୍ୱାରା ସେ ପ୍ରକାର ସେବା ଉପଲବ୍ଧ କରାଯାଇଥାଏ। ଯଦି କାର୍ଡ଼ ସଦସ୍ୟ ସେପରି କୌଣସି ପ୍ରତ୍ୟକ୍ଷ ମାର୍କେଟିଂ, ଏସଏମଏସ୍, ଇମେଲ୍ କିମ୍ବା ଟେଲିଫୋନ୍ କଲ୍ ଇତ୍ୟାଦିକୁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ର ସେ ପ୍ରକାର ସେବା ଉପଲବ୍ଧତା ଗ୍ରହଣ କରିବାକୁ ଚାହୁଁନଥିବେ ସେ କ୍ଷେତ୍ରରେ କାର୍ଡ଼ ସଦସ୍ୟ 24 ଘଣ୍ଟିଆ ହେଲପଲାଇନ୍ ନମ୍ବରକୁ କଲ୍ କରିପାରିବେ ଓ ବ୍ୟାଙ୍କକୁ ଜଣାଇ ପାରିବେ। ବିକଳ୍ପ ଭାବରେ କାର୍ଡ଼ ସଦସ୍ୟ ବ୍ୟାଙ୍କର ୱେବସାଇଟରେ ଲଗ୍ ଅନ୍ କରିପାରିବେ ଏବଂ ଡୁ ନଟ୍ ଡିଷ୍ଟର୍ବ ସର୍ଭିସ୍ ପାଇଁ ରେଜିଷ୍ଟର କରିପାରିବେ। କାର୍ଡ଼ ସଦସ୍ୟ କ୍ରେଡିଟ୍ କାର୍ଡ଼ର ମୌଳିକ ବୈଶିଷ୍ଟ୍ୟ ପାଇଁ ରହିଥିବା ସୂଚନା ଗୁଡ଼ିକୁ ପ୍ରାପ୍ତ କରିବା ଜାରି ରଖିବେ।

viii. କ୍ରେଡିଟ୍ କାର୍ଡ଼ର ପ୍ରକାର ବାଛିବା ହେଉଛି ଉକ୍ତ କାର୍ଡ଼ ଉପରେ ଏକ କମ୍ପଲିମେଣ୍ଟାରି ଇନ୍ସ୍ୟୁରାନ୍ସ କଭର ରହିବା। କ୍ରେଡିଟ୍ କାର୍ଡ଼ ସ୍ଥାପନା ହେବା ତାରିଖ ଠାରୁ ଏହି ପଲିସି କଭରେଜ୍ ଆରମ୍ଭ ହୋଇଥାଏ। ଅଧିକ ସୂଚନା ଓ ସର୍ତ୍ତ ଏବଂ ବ୍ୟବସ୍ଥାବଳୀ ଜାଣିବା ପାଇଁ ଦୟାକରି ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ୱେବସାଇଟ୍ ପରିଦର୍ଶନ କରିବା ଉଚିତ୍।

## 16. ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଅନ୍ତର୍ଭୁକ୍ତ ଏଫଇଏମଏ (ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ)

i. ଏହି କ୍ରେଡିଟ୍ କାର୍ଡ଼ଟି ଉଭୟ ଭାରତ ଓ ଭାରତ ବାହାରେ ବ୍ୟବହାର ପାଇଁ ବୈଧ ହେବ। ଏହା ଅନ୍ୟପକ୍ଷରେ ନେପାଳ ଓ ଭୁଟାନରେ ବୈଦେଶିକ ବିନିମୟରେ ପେମେଣ୍ଟ ପାଇଁ ବୈଧ ହେବ ନାହିଁ।

ii. ଆନ୍ତର୍ଜାତୀୟ କ୍ରେଡିଟ୍ କାର୍ଡ଼ ଗୁଡ଼ିକୁ ନିଷିଦ୍ଧ ସାମଗ୍ରୀ ଯଥା ଲଟେରି ଟିକେଟ୍ ବ୍ୟାନ୍ଡ୍ କିମ୍ବା ପ୍ରୋସ୍କ୍ରାଇବ୍ଡ ମାଗାଜିନ୍ କ୍ରୟ କରିବା, ସୁଇପ୍‌ଷ୍ଟେକ୍‌ସରେ ଅଂଶଗ୍ରହଣ କଲ୍ ବ୍ୟାକ୍ ସର୍ଭିସ୍ ପାଇଁ ପେମେଣ୍ଟ ଏବଂ/ କିମ୍ବା ସେ ପ୍ରକାର ସାମଗ୍ରୀ / କାର୍ଯ୍ୟ ଯେଉଁଥିରେ ବୈଦେଶିକ ବିନିମୟ ଉଠାଣ ପାଇଁ ଅନୁମତି ନଥାଏ ଏଥିରେ ବ୍ୟବହାର କରାଯାଇ ପାରିବ ନାହିଁ।

iii. ଭାରତ ବାହାରେ କୌଣସି କାରବାର ପାଇଁ ଉକ୍ତ କାର୍ଡ଼ର ବ୍ୟବହାର ପ୍ରଯୁଜ୍ୟ ନୀତି ନିୟମ ସହିତ ଆରବିଆଇ ର ଏକ୍ସଚେଞ୍ଜ କଣ୍ଟ୍ରୋଲ୍ ରେଗୁଲେସନ ଅନୁସାରେ ଏବଂ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଅଧିନିୟମ ୧୯୯୯ ଅନୁସାରେ କରାଯିବା ଆବଶ୍ୟକ। ଏଥିରେ କୌଣସି ଖିଲାଫ ହେଲେ ଦଣ୍ଡ ବିଧି କାର୍ଯ୍ୟାନୁଷ୍ଠାନ ପାଇଁ କାର୍ଡ଼ ସଦସ୍ୟ ଦାୟୀ ରହିବେ।

iv. ଇଣ୍ଟରନେଟ୍ ଟ୍ରେଡିଂ ପୋର୍ଟାଲ୍ସ ଜରିଆରେ ବୈଦେଶିକ ବିନିମୟ ବାଣିଜ୍ୟ ବ୍ୟବସାୟ ପାଇଁ ଅନୁମତି ନାହିଁ। ଏ କ୍ଷେତ୍ରରେ କୌଣସି ବିଶୃଙ୍ଖଳା ବା ଅନୁପାଳନଗତ ତ୍ରୁଟି କଲେ କାର୍ଡ଼ ସଦସ୍ୟ ଜରିମାନା କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ ଏବଂ/ କିମ୍ବା ତାଙ୍କ କାର୍ଡ଼ ବନ୍ଦ ହୋଇ ଯାଇପାରେ।

v. ଏନଆରଆଇ ଗ୍ରାହକମାନଙ୍କ ପାଇଁ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଅଟୋ ପେ ମୋଡ୍ ଆକାରରେ ଏନଆରଇ/ ଏନଆରଓ ଆକାଉଣ୍ଟ ପାଇଁ କେବଳ 100% ପେମେଣ୍ଟ କରାଯିବା ବାଧ୍ୟତାମୂଳକ।

vi. ପକ୍ଷ ଏହା ସହମତ ହେବେ ଯେ ଏଥିରେ ଦିଆଯାଇଥିବା ସର୍ତ୍ତ ଓ ବ୍ୟବସ୍ଥାବଳୀରୁ ଦେଖା ଦେଉଥିବା କୌଣସି ପ୍ରସଙ୍ଗ କ୍ରମରେ ବିବାଦ ଏବଂ/ କିମ୍ବା କାର୍ଡ଼ର ଅପବ୍ୟବହାର ତାହାକୁ କେବଳ ଭାରତର ମୁମ୍ବାଇ ସ୍ଥିତ ନନ୍ ଏକ୍ସକ୍ଲୁସିଭ୍ ଜୁରିସଡିକ୍‌ସନ ଅଫ୍ କୋର୍ଟସରେ ଦର୍ଶାଇବାକୁ ହେବ ଏବଂ ଭାରତର ନିୟମ ଅନୁପାଳନ ଆଧାରରେ ଗଠିତ ଓ ପରିଚାଳିତ ବିଚାର ବ୍ୟବସ୍ଥା ଗ୍ରହଣ କରାଯିବ। କାର୍ଡ଼ ସଦସ୍ୟ ପୁନଶ୍ଚ ଏହା ସ୍ୱୀକୃତି ଦେବେ ଯେ ବ୍ୟାଙ୍କ ଏହାର ଏକକ ନିଷ୍ପତ୍ତି ଆଧାରରେ ବିବାଦ ପାଇଁ ଏକକ ଆର୍ବିଟେଟରଙ୍କୁ ବାଛି ରେଫର କରିପାରେ ଯାହାକୁ ବ୍ୟାଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବ। ଏଥି ସହିତ ଆର୍ବିଟ୍ରେସନ ଏବଂ କନସିଲିଏସନ ଅଧିନିୟମ ୧୯୯୬ରେ ବ୍ୟବସ୍ଥାବଳୀ ଯାହା ସମୟକୁ ସମୟ ସଂଶୋଧିତ ପ୍ରକାରେ କିମ୍ବା ଏହାର ରିଏନାକ୍ଟମେଣ୍ଟ ଅନୁସାରେ ପରିଚାଳିତ ହେବ। ବିଚାର ବିଭାଗୀୟ ବ୍ୟବସ୍ଥାଗୁଡ଼ିକ କେବଳ ଇଂରାଜୀ ଭାଷାରେ ପରିଚାଳିତ ହେବ। ଦିଲ୍ଲୀ/ ମୁମ୍ବାଇ/ ଚେନ୍ନାଇ/ କୋଲକାତା ଏବଂ/ କିମ୍ବା ସେପରି ଅନ୍ୟ କୌଣସି ସ୍ଥାନ ଯାହାକୁ ବ୍ୟାଙ୍କର ଏକକ ନିଷ୍ପତ୍ତି ଆଧାରରେ ସୂଚୀତ କରାଯାଇଥିବ ସେହି ଆଧାରରେ ବିଚାର ବ୍ୟବସ୍ଥା ପରିଚାଳିତ ହେବ କିମ୍ବା ଏହି ବିଚାର ବ୍ୟବସ୍ଥା ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇପାରେ । ଟ୍ରିବୁନାଲ୍ ଦ୍ୱାରା ଆଦେଶ ପ୍ରାପ୍ତ କୌଣସି ହିୟରିଂରେ ଯୋଗ ଦାନ ପାଇଁ ନିମ୍ନଲିଖିତ ବିଷୟ ପ୍ରଯୁଜ୍ୟ ହେବ :

a. ଟ୍ରିବୁନାଲର ଅର୍ଡ଼ର ଉପରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ହେଉଥିବା ସେ ପ୍ରକାର କୌଣସି ଶୁଣାଣୀ

b. ପକ୍ଷ ଏହା ସହମତ ହେବେ ଯେ ଏହି ନିଷ୍ପତ୍ତି, ଆଦେଶ କିମ୍ବା ଟ୍ରିବୁନାଲ୍ ଦ୍ୱାରା ଘୋଷିତ ଆଦେଶ ଉପରେ ସେ କୌଣସି ପ୍ରତିବାଦ କରିବେ ନାହିଁ କିମ୍ବା ସେ ପ୍ରକାର କୌଣସି ଶୁଣାଣୀ ଯାହାକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପରିଚାଳନା କରାଯାଇଥିବ ଏହା ଉପରେ ସେ କୌଣସି ପ୍ରତିବାଦ କରିବେ ନାହିଁ।

vii. କାର୍ଡ଼ ସଦସ୍ୟ ଏହା ସହମତ ହେବେ ଯେ ଯଦି କୌଣସି ସମୟରେ ଏହା ଦେଖିବାକୁ ମିଳେ ଯେ କୌଣସି କ୍ରେଡିଟ୍ ଫାସିଲିଟି ବିପକ୍ଷରେ ବ୍ୟାଙ୍କ ପାଇଁ କିଛି ପରିମାଣ ବକେୟା ରହିଛି ତେବେ ବ୍ୟାଙ୍କ ତାର ଏକକ ଅଧିକାର ବଳରେ ସେ ପ୍ରକାର କୌଣସି/ସବୁ ସୁବିଧା ପାଇଁ ପୂର୍ବରୁ କୌଣସି ସୂଚନା ନଦେଇ ନୋ ଅବ୍‌ଜେକସନ ସାର୍ଟିଫିକେଟ୍ (ଏନଓସି) କୁ ଅଟକ ରଖିପାରେ।

viii. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ, ଏହାର କର୍ମଚାରୀ, ଏଜେଣ୍ଟ କିମ୍ବା ଠିକାଦାର ୟୁଜର କିମ୍ବା କୌଣସି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କୌଣସି କ୍ଷତି ବା ପରୋକ୍ଷ, ପ୍ରତ୍ୟକ୍ଷ ନଷ୍ଟ କିମ୍ବା ପରିଣାମଗତ କିନ୍ତୁ ସୀମିତ ହୋଇ ନଥିବା ରାଜସ୍ୱ କ୍ଷତି, ଲାଭ, ବ୍ୟବସାୟ, ଚୁକ୍ତି, ସମ୍ଭାବ୍ୟ ସଞ୍ଚୟ କିମ୍ବା ଗୁଡୱିଲ୍, ବ୍ୟବହାରିକ କ୍ଷତି କିମ୍ବା କୌଣସି ସଫଟଓୟାର ସହିତ ଉପକରଣର ମୂଲ୍ୟ ତାହା ଫୋର୍ସିବଲ୍ ଭାବରେ କିମ୍ବା ସେପରି ନହୋଇଥିବା କ୍ଷେତ୍ରରେ ୟୁଜରଙ୍କ କ୍ଷତି ପାଇଁ ଦାୟୀ ରହିବେ ନାହିଁ। ଅନ୍ୟ ପକ୍ଷରେ କୌଣସି ବିଳମ୍ବ, ବାଧା, ସସ୍‌ପେନ୍‌ସନ, ରିଜୋଲ୍ୟୁସନ କିମ୍ବା ଗ୍ରହଣ କରିବାରେ ବ୍ୟାଙ୍କର ଏରର ଓ ପ୍ରକ୍ରିୟାକରଣ ଅନୁରୋଧ ଏବଂ ଇନଫର୍ମୁଲେଟିଂ ଏବଂ ରିଟର୍ଣିଂ ରେସ୍‌ପନ୍‌ସ ବା ଅନ୍ୟ କୌଣସି ତ୍ରୁଟି, ବିଳମ୍ବ, ବାଧା, ସସପେନସନ, କିମ୍ବା କୌଣସି ସୂଚନା ଟ୍ରାନ୍ସମିସନରେ ତ୍ରୁଟି ବା ବାର୍ତ୍ତାରେ ତ୍ରୁଟି ଯାହା ଟେଲି କମ୍ୟୁନିକେସନ ଉପକରଣରୁ ହୋଇଥାଏ ଏବଂ କୌଣସି ସେବା ପ୍ରଦାତାଙ୍କ ନେଟୱର୍କ ଓ ବ୍ୟାଙ୍କର ସିଷ୍ଟମ କିମ୍ବା କୌଣସି ବ୍ରେକଡାଉନ୍, ବାଧା, ସସ୍‌ପେନ୍‌ସନ ବା ଦୂର ସଞ୍ଚାରଗତ ଉପକରଣର ତ୍ରୁଟିରୁ ହୋଇଥାଏ, ବ୍ୟାଙ୍କର ସିଷ୍ଟମ କିମ୍ବା ଅନ୍ୟ କୌଣସି ସେବା ପ୍ରଦାତାଙ୍କ ନେଟୱର୍କ କାମ କରୁନଥାଏ ଏବଂ/ କିମ୍ବା ଅନ୍ୟ କୌଣସି ତୃତୀୟ ପକ୍ଷ ଯେଉଁମାନେ ଏ ପ୍ରକାର ସେବା ପ୍ରଦାନ କରୁଛନ୍ତି ଓ ସୁବିଧା ପ୍ରଦାନ ପାଇଁ ଆବଶ୍ୟକତା ରହିଛି ତହିଁରେ ତ୍ରୁଟି ପାଇଁ ଦାୟଭୁକ୍ତ ରହିବେ ନାହିଁ।

ix. ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ହେଉଛି ବ୍ୟାଙ୍କିଂ କୋଡ୍ସ ୬ ଷ୍ଟାଣ୍ଡାର୍ଡ୍ସ ବୋର୍ଡ ଅଫ୍ ଇଣ୍ଡିଆ (ବିସିଏସବିଆଇ) ର ଜଣେ ସଦସ୍ୟ। ବିସିଏସବିଆଇ କୋଡର ବିବରଣୀ ଆମର ୱେବସାଇଟରେ ଉପଲବ୍ଧ ରହିଛି।